ବର୍ଷ-୨୫, ସଂଖ୍ୟା-୨୮୨
ଭୁବନେଶ୍ୱର
୨୪, ଅକ୍ଟୋବର, ୨୦୨୫ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 282
Bhubaneswar
24, October, 2025 Friday
Page-08, Rs.: 2.00

ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ସେମିରେ ଭାରତ

ଆସୁଛି ସିବିଆଇ ଟିମ୍

ଭୁବନେଶ୍ୱର,୨୩।୧୦(ମହାଭାରତ): ପୁଲିସ ଏସ୍ଆଇ କେଳେଙ୍କାରୀ ମାମଲାରେ ଏଣ୍ଟ୍ରି ମାରିବ ସିବିଆଇ। ଅତି ବିଶ୍ୱସ୍ତ ସୂତ୍ରରୁ ମିଳୁଥିବା ସୂଚନା ଅନୁସାରେ, ସପ୍ତାହକ ଭିତରେ ଓଡ଼ିଶାରେ ଡେରା ପକାଇବ ଦିଲ୍ଲୀର ଏକ ସ୍ୱତନ୍ତ୍ର ଟିମ୍। ବୁଧବାର ମୁଖ୍ୟମନ୍ତ୍ରୀ ଏହି ମାମଲାକୁ ସିବିଆଇ ହାତକୁ ଟେକି ଦେଇଥିଲେ। ଗୃହ ବିଭାଗ ପକ୍ଷରୁ ତୁରନ୍ତ କେନ୍ଦ୍ର ଗୃହ ମନ୍ତ୍ରଣାଳୟକୁ ଲେଖାଯାଇଛି ଚିଠି। ରାଜ୍ୟ ସରକାର ସ୍ପଷ୍ଟ କରିଛନ୍ତି ଯେ ଏହି ଘଟଣାରେ ଅନ୍ତଃରାଜ୍ୟ ତଥା ସଙ୍ଗଠିତ ଅପରାଧୀ ଲିଙ୍କ୍ ରହିଛି । ଏଣୁ ଏହି ମାମଲାର ତଦନ୍ତ ସିବିଆ।ଇ କରୁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଉପରେ ସକାରାତ୍ମକ ଆ।ଭିମୁଖ୍ୟ ଗ୍ରହଣ କରିଛି ସିବିଆ।ଇ। ଖବର ଅନୁସାରେ, ସପ୍ତାହକ ଭିତରେ ଆସିସିବେ ସ୍ୱତନ୍ତ୍ର ଟିମ୍। ଖୋଜିବେ କିଏ ବିକ୍ରିକରୁଥିଲା ପୁଲିସ ରଙ୍କି? କିଏ ଓ କେମିତି କଟିଥିଲେ ଡିଲ୍? ମାଷ୍ଟରମାଇଣ୍ଡକୁ ବି ଖୋଜିବ। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ କିନ୍ତୁ ଅଧିକାରୀ, ନେତା ଓ କାର୍ପଟଦାରଙ୍କ ଛାତି ଧଡ଼ ଧଡ଼ ହେଲାଣି।

ଓଡ଼ିଶା ଆସିବେ ଗଡକରୀ

ଭୁବନେଶ୍ୱର,୨୩।୧୦(ମହାଭାରତ): ଭୁବନେଶ୍ୱରରେ ଆରମ୍ଭ ହେବାକୁ ଯାଉଛି ଭାରତୀୟ ସଡ଼କ ସମ୍ମିଳନୀ (ଇଣ୍ଡିଆ।ନ ରୋଡ କଂଗ୍ରେସର ୮୪ତମ ଅଧିବେଶନ)। ଏଥିରେ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡ଼କରି ଯୋଗ ଦେବାର କାର୍ଯ୍ୟକ୍ରମର ରହିଛି। ନଭେମ୍ବର ୭ରୁ ୧୦ ପର୍ଯ୍ୟନ୍ତ ଭୁବନେଶ୍ୱରର ଜନତା ମଇଦାନରେ ଆୟୋଜିତ ହେବାକୁ ଥିବା ଆଇଆରସିର ଏହି ସମ୍ମିଳନୀରେ ଦେଶ ଦେଖିବ ଓଡ଼ିଆ ଅସ୍ମିତାର ଝଲକ। ଓଡ଼ିଶାର କଳା, ସଂସ୍କୃତି ସହିତ ପର୍ଯ୍ୟଟନ, ହସ୍ତଶିଳ୍ପ, ହସ୍ତତନ୍ତ ସମେତ ପାରମ୍ପରିକ ଓଡ଼ିଆ ଖାଦ୍ୟର ସ୍ୱାଦ ନେବେ ଅତିଥି।ଓଡ଼ିଶାରେ ୬ଷ୍ଠ ଥର ପାଇଁ ଆ।ୟୋଜିତ ହେଉଥିବା ଏହି ସଡ଼କ ମହାକୁମ୍ଭ ପାଇଁ ସରକାରଙ୍କ ପକ୍ଷରୁ ଜୋରଦାର ପ୍ରସ୍ତୁତି ଚଲିଛି। ସୂଚନା ଅନୁସାରେ ଏହି ସମ୍ମିଳନୀରେ ଭିଭିଆ।ଇପି, ଭିଆ।ଇପିଙ୍କ ସମେତ ୨୦୦୦ରୁ ଅଧିକ ଲୋକ ଯୋଗଦେବେ।

କଟକରେ କାଳୀପୂଜା ଭସାଣ ପାଇଁ କଡ଼ା ସୁରକ୍ଷା

କଟକ,୨୩।୧୦ (ମହାଭାରତ): କଟକରେ କାଳୀ ପୂଜା ଭସାଣ ପାଇଁ ସଜାଗ ପୁଲିସ। ଏବେଠୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ଛକ ଛକରେ ପୁଲିସ ମୁତୟନ ହୋଇଛନ୍ତି। ଉତ୍ସବକୁ ଶାନ୍ତି ଶୃଙ୍ଖଳାର ସହ ସାରିବାକୁ ପୁଲିସ ଲକ୍ଷ୍ୟ ରଖିଛି। ଶୁକ୍ରବାର କଟକରେ କାଳୀ ପୂଜା ଭସାଣ ଉତ୍ସବ ହେବାକୁ ଯାଉଥିବା ବେଳେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ସ୍ୱର୍ଗକାତର ଅଞ୍ଚଳରେ ପଇଁତରା ମାରୁଛନ୍ତି ସ୍ପେଶାଲ ଟାସ୍କିକାଲ୍ ୟୁନିଟ। ବିଭିନ୍ନ ଛକରେ ମୁତୟନ ହୋଇଛନ୍ତି ୬୪ ପ୍ଲାଟୁନ୍ ଫୋର୍ସ। ବଛାବଛା ପୁରୁଖା ଅଫିସରଙ୍କୁ ଦିଆଯାଇଛି ଦାୟିତ୍ୱ।

ଗୋଡ଼ ହାତ ବାନ୍ଧି ସୁନା ଗହଣା ଲୁଟ୍

ଲ ଇ କେ ରା ,୨୩।୧୦ (ମହାଭାରତ): ଲଇକେରା ଥାନା କୁଅଁରମାଳ ଗ୍ରାମର ମଳୟ ନାଏକଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନା ଗହଣା ଲୁଟ୍ ହୋଇଛି। ବୁଧବାର ମଳୟ ଏବଂ ତାଙ୍କ ପତ୍ନୀ ମେଡ଼ିକାଲ କାମରେ ଭୁବନେଶ୍ୱର ଯାଇଥିବା ବେଳେ ଘରେ ମଳୟଙ୍କର ପୁଅ ମାନସ ଏବଂ ମାମୁ ରାତିରେ ଶୋଇଥିଲେ। ରାତି ପ୍ରାୟ ଗୋଟାଏ ବେଜେ ୪ଜଣ ମୁଖା ପିନ୍ଧା ଯୁବକ ଘରେ ପଶିମାମୁଭଣଜା ଦୁଇଜଣଙ୍କୁ ବାନ୍ଧି ନିସ୍ତୁକ ମାଡ଼ମାରି ଥିଲେ। ଘରର ଆଲମୀରା ଖୋଲି ଆସବାବପତ୍ର ସବୁ ଖେଳେଇ ଲକ୍ଷାଧିକ ଟଙ୍କାର ସୁନା ଗହଣା ସହ ନଗଦ କିଛି ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଲଇକେରା ଥାନାଧିକାରୀ ସାଇଣ୍ଟିଫିକ ଟିମ ସହାୟତା କୁକୁରକୁ ନେଇ ସିସି କ୍ୟାମେରା ଯାଞ୍ଚ କରିଥିବା ବେଳେ ବିଭିନ୍ନ ଦିଗ ଉପରେ ତଦନ୍ତ କରୁଛନ୍ତି।

ଓଡ଼ିଶାରେ ଦୁଇଟି ଆଲୁମିନିୟମ୍ ପାର୍କ ପ୍ରତିଷ୍ଠା କରିବ ବେଦାନ୍ତ

ଭୁବନେଶ୍ୱର, ୨୩।୧୦ (ମହାଭାରତ): ବେଦାନ୍ତ ଗ୍ରୁପ୍ ର ଅଧ୍ୟକ୍ଷ ଅନିଲ ଅଗ୍ରୱାଲ ଆଜି ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ରାଜ୍ୟରେ କେତେକ ନୂଆ ଶିଳ୍ପ ପ୍ରକଳ୍ପ ବିଷୟରେ ଆଲୋଚନା କରିଛନ୍ତି। ଏହି ଆଲେ।ଚନାରୁ ଜଣାଯାଇଛି ଯେ, ଆଗାମୀ ଦିନରେ ବେଦାନ୍ତ ପକ୍ଷରୁ ଓଡିଶାରେ ପ୍ରାୟ ୧ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ କରାଯିବ। ଏହାଦ୍ୱାରା ରାଜ୍ୟରେ ୧ଲକ୍ଷରୁ ଅଧିକ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟିହେବ। ରାଜ୍ୟ ସରକାର ମଧ୍ୟ ଏହି ନିବେଶକୁ ପ୍ରୋତ୍ସାହନ ଦେବାପାଇଁ ପ୍ରତିଶ୍ରୁତିବଦ୍ଧ ଅଛନ୍ତି ଏବଂ ଏଥିପାଇଁ ଆବଶ୍ୟକ ଜମି ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ଜଣାଯାଇଛି।

ଏହା ସହିତ ବିଶ୍ୱର ମେଟାଲ ଭାଲ୍ୟୁ-ଚେନ୍ ରେ ଓଡିଶାର ପ୍ରତିଷ୍ଠା ବୃଦ୍ଧି ପାଇଁ କେନ୍ଦୁଝର ଠାରେ ଏକ ଅତ୍ୟାଧୁନିକ ଫେରୋ-ଆଲଏଜ୍ ପ୍ଲାଂଟ ପ୍ରତିଷ୍ଠା କରାଯିବ ବୋଲି ବୈଠକରୁ ଜଣାଯାଇଛି। ଏଥିରେ ବେଦାନ୍ତ ପକ୍ଷରୁ ୨ ହଜାର କୋଟି ଟଙ୍କା ବିନିଯୋଗ କରାଯିବ।

ଆଲୋଚନାରୁ ଜଣାଯାଇଛି ଯେ, ବେଦାନ୍ତ ପକ୍ଷରୁ ଓଡିଶାରେ ଦୁଇଟି ନୂଆ ଆଲୁମିନିଅମ୍ ପାର୍କ ମଧ୍ୟ ପ୍ରତିଷ୍ଠା କରାଯିବ । ଝାରସୁଗୁଡାରେ ଥିବା ଏହାର ଆଲୁମିନିଅମ୍ ପ୍ଲାଂଟ ନିକଟରେ ଗୋଟିଏ ନୂଆ ଆଲୁମିନିଅମ୍ ପାର୍କ ପ୍ରତିଷ୍ଠା କରାଯିବ । ଏହା ସହିତ ରାଜ୍ୟର ଅନ୍ୟ ସ୍ଥାନରେ ଯେଉଁଠି ରାଜ୍ୟ ସରକାର ଜମି ଯୋଗାଇଦେବେ, ସେଠାରେ ମଧ୍ୟ ଆଉଏକ ଆଲୁମିନିଅମ୍ ପାର୍କ ପ୍ରତିଷ୍ଠା କରାଯିବ। ଏହି ଦୁଇଟି ଅତ୍ୟାଧୁନିକ ପାର୍କରେ ଅତ୍ୟନ୍ତ ଉନ୍ନତ ଗ୍ରେଡ୍ ର ଆଲୁମିନିଅମ୍ ଆଲୟ ପ୍ରସ୍ତୁତ ହେବ। ଏହି ଆଲୁମିନିଅମ୍ ଆଲୟ ଏରୋସ୍ପେଶ୍, ଇଲେକ୍ଟ୍ରିକ୍ ଭେହିକିଲ୍ ସ ଓ ପ୍ରତିରକ୍ଷା କ୍ଷେତ୍ରରେ ବ୍ୟବହାର ହୋଇପାରିବ। ଏହାଦ୍ୱାରା ଡାଉନ୍ ଷ୍ଟ୍ରିମ୍ ଶିଳ୍ପ କ୍ଷେତ୍ରରେ ବ୍ୟାପକ ପୁଞ୍ଜି ନିବେଶ ଆସିବ ଏବଂ ଏମ୍.ଏସ୍.ଏମ୍.ଇ ଶିଳ୍ପରେ ବିପୁଳ ଅଭିବୃଦ୍ଧି ହୋଇପାରିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟ ସରକାର ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତର ପରିକଳ୍ପନାର ସଫଳ ରୂପାୟନ ପାଇଁ ପ୍ରତିଶ୍ରୁତିବଦ୍ଧ। ଭିତିଭୂମିର ବିକାଶ ତଥା ବେଦାନ୍ତ ଭଳି କମ୍ପାନୀର ପୁଞ୍ଜି ବିନିଯୋଗ ଜରିଆରେ ଓଡିଶା ସରକାର ଏହି ଲକ୍ଷ୍ୟ ହାସଲ କରିବେ। ଶିଳ୍ପ ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଏକ ଗ୍ଲୋବାଲ୍ ହବ୍ ହେବାପାଇଁ ଓଡିଶା ବର୍ତମାନ ସମ୍ପୂର୍ଣ୍ଣଭାବେ ପ୍ରସ୍ତୁତ। ଆମର ଏହି ଉଦ୍ୟମ ଦ୍ୱାରା କେବଳ ଅର୍ଥନୈତିକ ଅଭିବୃଦ୍ଧି ଆସିବ ନାହିଁ ଏହାଦ୍ୱାରା ଯୁବବର୍ଗଙ୍କ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି ହେବା ସହିତ ଜନସାଧାରଣଙ୍କୁ ସଶକ୍ତ କରିବ ଏବଂ ୨୦୩୬ ସୁଦ୍ଧା ୫୦୦ ବିଲିଅନ୍ ଡଲାର ଅର୍ଥନୀତିରେ ପରିଣତ ହେବାପାଇଁ କ୍ଷେତ୍ର ପ୍ରସ୍ତୁତ କରିବ । ଓଡିଶାର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଏହି ପୁଞ୍ଜି ନିବେଶ ଏକ ଗେମ୍-ଚେଞ୍ଜର ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହି ବୈଠକରେ ବେଦାନ୍ତ ଗ୍ରୁପ ଅଧ୍ୟକ୍ଷ ବେଦାନ୍ତର ଶିଳ୍ପ ପ୍ରକଳ୍ପ ଗୁଡିକୁ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସରକାରଙ୍କ ସହଯୋଗ ପାଇଁ ଧନ୍ୟବାଦ ପ୍ରଦାନ କରିଥିଲେ । ଏହି ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଖଣି ଓ ଇସ୍ପାତ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବେଦାନ୍ତ ଅଧ୍ୟକ୍ଷ ଅନୀଲ ଅଗ୍ରୱାଲ

ରାଜ୍ୟରେ ୧ ଲକ୍ଷ କୋଟି ପୁଞ୍ଜି ଖଟାଇବ ବେଦାନ୍ତ

କେନ୍ଦୁଝରରେ ୨ ହଜାର କୋଟିର ଫେରୋ-ଆଲଏଜ୍ ପ୍ଲାଣ୍ଟ

ନୂଆପଡ଼ା ଉପନିର୍ବାଚନ

ମନ୍ତ୍ରୀଙ୍କୁ ଦାୟିତ୍ୱ ବାଣ୍ଟିଲା ବିଜେପି

ଭୁବନେଶ୍ୱର,୨୩।୧୦(ମହାଭାରତ): ନୂଆପଡ଼ା ଉପନିର୍ବାଚନ ଜିଣିବା ପାଇଁ କୌଣସି ସୁଯୋଗ ହାତଛଡ଼ା କରିବାକୁ ଚାହୁଁନାହିଁ ଭାରତୀୟ ଜନତା ପାର୍ଟି (ବିଜେପି)। ଏ ନେଇ ଦଳର ମନ୍ତ୍ରୀମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରାଯାଇଛି।

ବିଜେପିର ଦୁଇ ବରିଷ୍ଠ ନେତାଙ୍କୁ ବଡ଼ ଦାୟିତ୍ୱ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ ଏବଂ ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ରଙ୍କୁ ସମ୍ପୂର୍ଣ୍ଣ ନିର୍ବାଚନ ମଣ୍ଡଳୀ ଦାୟିତ୍ୱ ଦିଆଯାଇଛି। ନିର୍ବାଚନ ଶେଷ ହେବା ପର୍ଯ୍ୟନ୍ତ ଦୁଇ ନେତା ନୂଆପଡ଼ାରେ ରହିବେ । ନୂଆପଡ଼ାର ୮ ଜୋନ୍ ଜଗିବେ ୮ କ୍ୟାବିନେଟ୍ ମନ୍ତ୍ରୀ। ବଞ୍ଜରୀ ଜୋନ୍ ପାଇଁ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାଣ ନାୟକ, ସୁନାଦେଇ ଜୋନ୍ ପାଇଁ ଗଣେଶ ରାମସିଂ ଖୁଣ୍ଟିଆ, ପାତାଳେଶ୍ୱର ଜୋନ୍ ପାଇଁ ଗୋକୁଳାନନ୍ଦ ମଲ୍ଲିକ, ଜୟଜଂଘା ଜୋନ୍ ପାଇଁ କୃଷ୍ଣ ଚନ୍ଦ୍ର ପାତ୍ର, କୋନାଭଇରା ଜୋନ୍ ପାଇଁ ବିଭୁତି ଭୂଷଣ ଜେନା, ଯୋଗେଶ୍ୱର ଜୋନ୍ ପାଇଁ ନିତ୍ୟାନନ୍ଦ ଗଣ୍ଡ, ନୂଆପଡ଼ା ଏନଏସି ପାଇଁ ମୁକେଶ ମହାଲିଙ୍ଗ, ଖରିଆର ରୋଡ଼ ଏନଏସି ପାଇଁ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଦାୟିତ୍ୱ ଦିଆ।ଯାଇଛି। ନୂଆପଡ଼ା ଉପନିର୍ବାଚନ ପାଇଁ ବୁଧବାର ପ୍ରାର୍ଥିପତ୍ର ଯାଞ୍ଚ ସରିଛି। ୧୯ ଆ।ଶାୟୀଙ୍କ ମଧ୍ୟରୁ ୫ଜଣଙ୍କ ପ୍ରାର୍ଥିପତ୍ର ନାକଚ ହୋଇଛି। ୬ଜଣ ଦଳୀୟ ଓ ୮ଜଣ ସ୍ୱାଧୀନ ପ୍ରାର୍ଥୀଙ୍କୁ ମିଶାଇ ସମୁଦାୟ ୧୪ଜଣଙ୍କ ପ୍ରାର୍ଥିପତ୍ର କାଏମ ରହିଛି। ଅକ୍ଟୋବର ୨୪ରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ଦିନ ଧାର୍ଯ୍ୟ କରାଯାଇଛି। ଏହାପରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ନଭେମ୍ବର ୧୧ରେ ଭୋଟଗ୍ରହଣ ଓ ୧୪ରେ ଗଣତି ହୋଇ ଫଳାଫଳ ପ୍ରକାଶିତ ହେବ।

ବିଜେଡ଼ିର ପ୍ରଚାର ଆରମ୍ଭ

ନୂଆପଡା,୨୩।୧୦ (ମହାଭାରତ): ବିଜୁ ଜନତା ଦଳ ଗୁରୁବାର ନୂଆପଡା ବିଧାନସଭା ଉପନିର୍ବାଚନ ପାଇଁ ବିଧିବଦ୍ଧ ଭାବେ ପ୍ରଚାର ଅଭିଯାନର ଶୁଭାରମ୍ଭ କରିଛି। ମା' ବଞ୍ଜାରୀ ଦେବୀ ମନ୍ଦିରରେ ବିଜେଡିର ବରିଷ୍ଠ ନେତାମାନେ ନୂଆପଡ଼ା ଉପନିର୍ବାଚନ ପାଇଁ ଦଳର ପ୍ରାର୍ଥୀ ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆଙ୍କ ବିପୁଳ ବିଜୟ ତଥା ନୂଆପଡ଼ାର ଶାନ୍ତି, ଉନ୍ନତି ଓ ସମୃଦ୍ଧି ପାଇଁ ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଦଳର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଦଳର ପ୍ରାର୍ଥୀ ସ୍ନେହାଙ୍ଗିନୀ, ରାଜ୍ୟ ଓ ଜିଲ୍ଲାସ୍ତରୀୟ ନେତୃବୃନ୍ଦ ଯୋଗଦେଇ ବଡ଼ ବ୍ୟବଧାନରେ ବିଜେଡିର ବିଜୟ ପାଇଁ ଆହ୍ୱାନ ଜଣାଇଥିଲେ। ବିପୁଳ ଜନସମାଗମକୁ ସମ୍ବୋଧିତ କରି ଶ୍ରୀମତୀ ଛୁରିଆ କହିଥିଲେ ଯେ ନୂଆପଡ଼ାର ସାମଗ୍ରୀକ ବିକାଶ ପାଇଁ ଆଜିଠାରୁ ତାଙ୍କର ଅଭିଯାନ ଆରମ୍ଭ ହେଲା। ସେ କହିଥିଲେ "ବିଜୁ ଜନତା ଦଳ ସଦା ସେବା ଓ ଲୋକକଲ୍ୟାଣ ପାଇଁ କାମ କରୁଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱରେ ଆମର ସ୍ୱାର୍ଥ ବିହୀନ ସେବା ଓ ଜନକଲ୍ୟାଣ ଧାରା ଜାରି ରହିଛି। ବିଜୁ ପଟ୍ଟନାୟକଙ୍କ ଶାସନକାଳରେ ନୂଆପଡ଼ା ଏକ ଜିଲ୍ଲାର ମାନ୍ୟତା ପାଇଥିଲା। ତାଙ୍କର ଦୂରଦୃଷ୍ଟି ଓ ନେତୃତ୍ୱକୁ ଆଜି ମଧ୍ୟ ନୂଆପଡ଼ାବାସୀ ସମ୍ମାନର ସହ ସ୍ମରଣ କରି ଆସୁଛନ୍ତି। ସଭାରେ ବକ୍ତବ୍ୟ ରଖି ଦଳର ନେତୃବୃନ୍ଦ ବିଜେପି ନେତୃତ୍ୱର "ଡବଲ୍ ଇଞ୍ଜିନ୍ ସରକାର" ଉପରେ ତୀବ୍ର ଆକ୍ରମଣ କରି କହିଥିଲେ ଯେ ଗତ ୧୬ ମାସ ଧରି ଏହି ସରକାର ନୂଆପଡ଼ାରେ "ଡବଲ୍ ଧ୍ୱଂସ" ଲୀଳା ଚଳାଇଛି। ସଭାରେ ମୁଖ୍ୟବକ୍ତା ଭାବେ ଅବନୀ ରଞ୍ଜନ ଜୋଷୀ, ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ବିଧାୟିକା ଶ୍ରୀମତୀ ମନୋରମା ମହାନ୍ତି, ମନୋଜ ମିଶ୍ର ଓ ବରିଷ୍ଠ ନେତା ଭାନୁ ପ୍ରତାପ ସିଂହ ମାଝୀ ପ୍ରମୁଖ ଉଦବୋଧନ ଦେଇ ଜନ ସାମ୍ନାକୁ ଆସିଥିଲେ। ଯେଉଁଥିରେ କିଛି ଲୋକ ବିହାର ନିର୍ବାଚନ ପୂର୍ବରୁ ରାଜ୍ୟରେ ହିଂସା ସୃଷ୍ଟି କରିବାକୁ ଚାହୁଁଥିବା ଶୁଣିବାକୁ ମିଳିଥିଲା। ଏହି ଅଡିଓ କଲ ପରେ ବିହାର ପୁଲିସ୍‌ର ସ୍କାନରରୁ ଆସିଥିବା ପାଠକ ଓ ତା' ଗ୍ୟାଙ୍ଗ। ବିହାରରେ କ୍ରମାଗତ ୫ଟି ହତ୍ୟାକାଣ୍ଡ ପରେ ରାଜ୍ୟ ପୁଲିସ୍ ଏହି ଗ୍ୟାଙ୍ଗକୁ ଧରିବାକୁ ଉଦ୍ୟମ କରିଥିଲା। ଯାଞ୍ଚ ବେଳେ ଜଣାପଡିଥିଲା ଯେ ହତ୍ୟାକାରୀମାନେ ଦିଲ୍ଲୀରେ ଆଶ୍ରୟ ନେଇଛନ୍ତି। ଏହାପରେ ଦିଲ୍ଲୀ କ୍ରାଇମବ୍ରାଞ୍ଚ ସହାୟତାରେ ସେମାନଙ୍କୁ ଧରିବାକୁ ଉଦ୍ୟମ ହୋଇଥିଲା। ଏହି ସମୟରେ ହୋଇଥିବା ଏନକାଉଣ୍ଟରରେ ୪ ଗ୍ୟାଙ୍ଗଷ୍ଟରଙ୍କ ମୃତ୍ୟୁ ହୋଇଥିବା ବିହାର ଡିଜିପି ସୂଚନା ଦେଇଛନ୍ତି। ସେ କହିଛନ୍ତି, ରଞ୍ଜନ ପାଠକ ଓ ତା' ଗ୍ୟାଙ୍ଗ ପ୍ରାୟ ୬ ବର୍ଷ ହେଲା ସକ୍ରିୟ ଥିଲା। ସେମାନେ କଣ୍ଟ୍ରାକ କିଲର୍ସ ଭାବେ ପରିଚୟ ହାସଲ କରିଥିଲେ। ସେମାନେ ବିହାରର ସୀତାମାଢି ଜିଲ୍ଲାରେ ୫ଟି ହତ୍ୟାକାଣ୍ଡ ଘଟାଇ ଆତଙ୍କ ସୃଷ୍ଟି କରିଥିଲେ। ଏବେ ସେମାନଙ୍କ ଖେଳ ଖତମ ହୋଇଥିବା ଡିଜିପି ସ୍ପଷ୍ଟ କରିଛନ୍ତି।

ହାଟ ପାଇଁ ଆସିବ ଏସ୍ଓପି

ଭୁବନେଶ୍ୱର,୨୩।୧୦(ମହାଭାରତ): ରାଜଧାନୀର ବିଭିନ୍ନ ହାଟ ପାଇଁ ଏସ୍ଓପି ଆଣିବ ବିଏମସି। ୨୦ଟି ବଡ଼ ହାଟ ପାଇଁ ଏସ୍ଓପି ଲାଗୁ ହେବ। ହାଟ କମିଟି ପାଇଁ ହେବ ବିଧିବଦ୍ଧ ନିର୍ବାଚନ। ବିଏମ୍ସି ଅଧିକାରୀଙ୍କ ଉପସ୍ଥିତିରେ ହେବ ହାଟ କମିଟି ନିର୍ବାଚନ। ସବୁ ହାଟ ଦୋକାନୀଙ୍କ ପାଇଁ ଗ୍ରୁପ୍ ବୀମା କରିବ ବିଏମସି, ହାଟରେ ଏନଫୋର୍ସମେଣ୍ଟକୁ କଡାକଡ଼ି କରାଯିବ। ହାଟ ଭିତରେ ଜରିପାଲ ଟାଣି ପାରିବେନି ବ୍ୟବସାୟୀ। ରାସ୍ତା ଉପରକୁ ମାଡ଼ି ବ୍ୟବସାୟ କରିପାରିବେନି। ଏକ ନୟର ମାର୍କେଟକୁ ମଡର୍ଣ୍ଣ ମାର୍କେଟ କରିବାକୁ ୧୮୬ କୋଟି ଟଙ୍କାର ବ୍ୟୟ ଅଟକଳ ହୋଇଥିଲା। ପାତ୍ରପଡା ଭଗବାନପୁରରେ ହୋଲସେଲ ମାର୍କେଟ ପାଇଁ ଟଙ୍କାର ଅଭାବ ରହିଛି। ଏ ସବୁ ପାଇଁ ସରକାର ଅର୍ଥ ଯୋଗେଇ ଦେଲେ କାମ ଆଗକୁ ବଢିବ। କ୍ଷତିଗ୍ରସ୍ତ ଦୋକାନୀଙ୍କୁ ସିଏମଆରଏଫ ଫଣ୍ଡ ସହ ବିଏମସି ନିଜସ୍ୱ ପାଣ୍ଠିରୁ ଆର୍ଥିକ ସହାୟତା ଯୋଗାଇଦେବାକୁ ବିଚାର ବିମର୍ଶ କରାଯାଉଥିବା ବିଏମସି ମେୟର କହିଛନ୍ତି। ଗୋଷ୍ଠୀ କନ୍ଦଳରୁ ବଳି ପଡିଲା ୩୦ରୁ ଅଧିକ ଦୋକାନ। ଭୁବନେଶ୍ୱର ୧ ନମ୍ବର ହାଟ ଅଗ୍ନିକାଣ୍ଡ ପଛରେ ଗୋଷ୍ଠୀ କନ୍ଦଳ ନେଇ ଚର୍ଚ୍ଚା ହେଉଛି। ଏ ନେଇ ପରସ୍ପରକୁ କାଦୁଅ ଫିଙ୍ଗିଛନ୍ତି ଦୁଇ ବ୍ୟବସାୟୀ ଗୋଷ୍ଠୀ। ଗୁରୁବାର ଗୋଟିଏ ଗୋଷ୍ଠୀର ବୈଠକ ଚଲିଥିବା ବେଳେ ହାଟରେ ଲାଗିଥିଲା ନିଆଁ। ଆଉ ଏହା ପଛରେ ବିରୋଧୀ ଗୋଷ୍ଠୀର ହାତ ଥିବା ଅଭିଯୋଗ ହୋଇଛି।

ଦିଲ୍ଲୀରେ ୪ ବିହାରୀ ଗ୍ୟାଙ୍ଗଷ୍ଟର ସଫା

ନୂଆଦିଲ୍ଲୀ,୨୩।୧୦(ମହାଭାରତ): ଦେଶର ରାଜଧାନୀ ଦିଲ୍ଲୀର ରୋହନୀ ଅଞ୍ଚଳରେ ବଡ ଏନକାଉଣ୍ଟର। ବୁଧବାର ଭୋର ସମୟରେ ହୋଇଥିବା ଏନକାଉଣ୍ଟରେ ବିହାରର ୪ ଜଣ ମୋଷ୍ଟୱ୍ୟାଣ୍ଟେଡଙ୍କ ମୁଣ୍ଡ ଗଡିଛି। ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ରାଜ୍ୟରେ ଆତଙ୍କ ସୃଷ୍ଟି କରିବାକୁ ଏହି ୪ ଗ୍ୟାଙ୍ଗଷ୍ଟରଲକ୍ଷ୍ୟ ରଖିଥିଲେ। କିନ୍ତୁ ପୁଲିସ୍ ଗୁଳିରେ ୪ ଜଣଙ୍କ ମୃତ୍ୟୁ ହୋଇଛି।ପୁଲିସ୍‌ର କହିବା କଥା ଯେ ଏନକାଉଣ୍ଟର ରାତି ୧.୨୦ରେ ଆରମ୍ଭ ହୋଇଥିଲା। ଏନକାଉଣ୍ଟରରେ ଦିଲ୍ଲୀ ପୁଲିସ୍ କ୍ରାଇମବ୍ରାଞ୍ଚ ଓ ବିହାର ପୁଲିସ୍ ସାମିଲ ହୋଇଥିଲେ। ୪ ଗ୍ୟାଙ୍ଗଷ୍ଟର ଓ ପୁଲିସ୍ କର୍ମଚାରୀଙ୍କ ମଧ୍ୟରେ ବେଶ କିଛି ସମୟ ଧରି ପ୍ରବଳ ଗୁଳି ବିନିମୟ ହୋଇଥିଲା। ଏହି ଗୁଳି ବିନିମୟରେ ୨୫ ବର୍ଷୀୟ ରଞ୍ଜନ ପାଠକ, ୨୫ ବର୍ଷୀୟ ବିମଲେଶ ମାହତୋ ଓରଫ ବିମଲେଶ ସାହନି, ୩୩ ବର୍ଷୀୟ ମନୀଷ ପାଠକ

ଜୀବନଚର୍ଯ୍ୟା

ବ୍ରେଡ ଉତ୍ତପମ

ଆବଶ୍ୟକୀୟ ସାମଗ୍ରୀ : ୪/୬ ପିସ ବ୍ରେଡ, ୫ଚାମଚ ସୁଜି, ୫ଚାମଚ ମଇଦା, ଅଧା ଚାମଚ ମଇଦା, ଜିରା, କଞ୍ଚା ଲଙ୍କା, ୨ଚାମଚ କଟା ଅଦା, ଧନିଆ ପତ୍ର, ଅଧା ଚାମଚ ସିମ୍ଳା ଲଙ୍କା, ଟମାଟୋ କଟା ଅଳ୍ପ, ତେଲ ଓ ସ୍ୱାଦ ଅନୁସାରେ ଲୁଣ

ପ୍ରସ୍ତୁତ ପ୍ରଣାଳୀ : ବ୍ରେଡ ଉତ୍ତପମ ପ୍ରସ୍ତୁତ କରିବା ପାଇଁ ସର୍ବପ୍ରଥମେ ବ୍ରେଡର ଚାରିପଟକୁ ଛୁରୀରେ କାଟି ବାହାର କରିଦିଅନ୍ତୁ । ତାପରେ ଏକ ମକ୍ସଳର ଗ୍ରାଇଣ୍ଡରରେ ବ୍ରେଡ, ସୁଜି, ମଇଦା, ଦହି, ଲୁଣ ଓ ପାଣି ମିଶାଇ ଭଲଭାବେ ପେଷି ଦିଅନ୍ତୁ । ପ୍ରସ୍ତୁତ ପେଷ୍ଟକୁ ଏକ ପାତ୍ରରେ କାଢି ସେଥିରେ କଟା ଅଦା, ଟମାଟୋ,ଜିରା,ସମିଲା ଲଙ୍କା, କଞ୍ଚା ଲଙ୍କା ଓ ଧନିଆ ପତ୍ର ମିଶାଇ ଭଲଭାବେ ଦିଅନ୍ତୁ । ଧ୍ୟାନ ରଖନ୍ତୁ ଘୋଳ ଯେପରି ବେଶୀ ପତଳା କିମ୍ବା ବେଶୀ ଗାଢା ନହୁଏ । ବର୍ତ୍ତମାନ ଏକ ନନଷ୍ଟିକ ପ୍ୟାନ ଗରମ କରି ସେଥିରେ ଟିକିଏ ତେଲ ଗରମ କରନ୍ତୁ ତାପରେ ପ୍ରସ୍ତୁତ ଘୋଳକୁ ଦେଇ ଉତ୍ତପମ ଆକାରରେ ବୁଲାଇ ଦିଅନ୍ତୁ । ଏହାର ଚାରିପଟେ ମଧ୍ୟ ତେଲ ଲଗାନ୍ତୁ । ତାପରେ ତାକୁ ଓଲଟାଇ ଅନ୍ୟ ପାଖଟି ମଧ୍ୟ ଠିକ୍ ସେହିପରି ସେକି ଦିଅନ୍ତୁ । ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ଆପଣଙ୍କର ବ୍ରେଡ ଉତ୍ତାପମ । ଏହାକୁ ଆପଣ କାଢି ଗରମ ଗରମ ଯେ କୌଣସି ଚଟଣୀ ସହିତ ସର୍ଭ କରନ୍ତୁ ।

ଖବର

ଦ୍ୱିତୀୟ ଥର ବାପା ହେବାକୁ ଯାଉଛନ୍ତି ରାମଚରଣ

ସାଉଥର ପାୱାର କପଲ ରାମଚରଣ ଏବଂ ଉପାସନା କୋନିଡେଲା ଖୁବଶୀଘ୍ର ଦ୍ୱିତୀୟ ଥର ବାପାମା' ହେବାକୁ ଯାଉଛନ୍ତି । ଦମ୍ପତି ଦୁହେଁ ଦ୍ୱିତୀୟ ଥର ପାଇଁ ପ୍ରେଗନାଣ୍ଟ□ ରହିଛନ୍ତି। ଏମାନେ ସୋସିଆଲ ମିଡିଆରେ ପୋଷ୍ଟ ସୋର କରି ପ୍ରେଗନେନ୍ସି ଆନାଉନ୍ସ କରିଛନ୍ତି । ଉପାସନା ସୋସିଆଲ ମିଡିଆରେ ଗୋଦଭରାଇ ସମୟରେ ଫଟୋ ଫ୍ୟାନ୍ସଙ୍କ ସହିତ ସେୟାର କରିଛନ୍ତି । ଯେଉଁଥିରେ ଦୁହେଁ ବହୁତ ଖୁସି ନଜର ଆସିଛନ୍ତି ।ଉପାସନା ଇନଷ୍ଟାଗ୍ରାମରେ ଏକ ଭିଡିଓ ସେୟାର କରିଛନ୍ତି । ଏଥିରେ ପୁରା ପରିବାର ସହିତ ଗୋଦଭରାଇର ବିଧି କରୁଥିବାର ନଜର ଆସିଛନ୍ତି । ଏଥିରେ ରାମଚରଣ ଏବଂ ଉପାସନା ବହୁତ ଖୁସି ନଜର ଆସିଛନ୍ତି ।ଉପାସନା ଭିଡିଓ ସେୟାର କରି ଲେଖିଛନ୍ତି, ଏହି ଦୀପାବଳିରେ ଡବଲ ଉତ୍ସବ, ଡବଲ ଭଲପାଇବା, ଡବଲ ଆଶୀର୍ବାଦ । ଭିଡିଓର ଉପାସନା ବ୍ଲୁ କଲର ଆଉଟଫିଟରେ ନଜର ଆସିଛନ୍ତି । ରାମଚରଣ କୁଡାପାଇଜାମା ପିନ୍ଧିଛନ୍ତି । ଉପାସନାଙ୍କ ପୋଷ୍ଟରେ ପ୍ରତିକ୍ରିୟା ଦେଇ ଫ୍ୟାନ୍ସ ଶୁଭେଚ୍ଛା ଜଣାଇଛନ୍ତି ।ରାମଚରଣଙ୍କ ପ୍ରଥମ ପିଲା ୨୦୧୩ରେ ଜନ୍ମ ହୋଇଇଥିଲା । ୨୦୧୨ରେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି ରାମଚରଣ । ବିବାହର ୧୩ ବର୍ଷ ପରେ ପୁଣିଥରେ ମାତାପିତା ହେବେ ଏହି ଦମ୍ପତି ।

ବୈକୁଣ୍ଠ ଧାମର ରହସ୍ୟ

ବୈକୁଣ୍ଠ ଶବ୍ଦର ଅର୍ଥ ହେଉଛି ଯେଉଁଠାରେ କୁଣ୍ଠା ନ ଥାଏ । ଅର୍ଥାତ୍ ନିଷ୍କ୍ରିୟତା, ଅକର୍ମଣ୍ୟତା, ନିରାଶା, ହତାଶା, ଆଳସ୍ୟ ଏବଂ ଦରିଦ୍ରତା । ଏହାର ଅର୍ଥ ହେଉଛି ବୈକୁଣ୍ଠ ଧାମ ଏମିତି ଏକ ସ୍ଥାନ ଯେଉଁଠାରେ କର୍ମହୀନତା ନ ଥାଏ, ନିଷ୍କ୍ରିୟତା ନଥାଏ । କୁହାଯାଏ ଯେ, ମୃତ୍ୟୁ ପରେ ପୁଣ୍ୟ କର୍ମ କରିଥିବା ବ୍ୟକ୍ତି ସ୍ୱର୍ଗ କିମ୍ବା ବୈକୁଣ୍ଠ ଗମନ କରିଥାନ୍ତି । ହିନ୍ଦୁ ଧର୍ମ ଅନୁସାରେ କୈଳାଶ ପର୍ବତରେ ମହାଦେବ ବ୍ରହ୍ମଲୋକରେ ବ୍ରହ୍ମଦେବ ବସବାସ କରନ୍ତୁ । ସେହିପରି ଭଗବାନ ବିଷ୍ଣୁ ବୈକୁଣ୍ଠରେ ନିବାସ କରନ୍ତି। ବୈକୁଣ୍ଠ ଲୋକର ସ୍ଥିତି ତିନି ସ୍ଥାନରେ ରହିଛି । ଧରିତ୍ରୀ ଉପରେ, ସମୁଦ୍ରରେ ଏବଂ ସ୍ୱର୍ଗରେ । ବୈକୁଣ୍ଠକୁ ବିଷ୍ଣୁଲୋକ ଏବଂ ବୈକୁଣ୍ଠ ସାଗର ମଧ୍ୟ କୁହାଯାଏ । ଧରିତ୍ରୀ ଉପରେ ବଦ୍ରିନାଥ, ଜଗନ୍ନାଥ ଏବଂ ଦ୍ୱାରିକାପୁରୀକୁ ବୈକୁଣ୍ଠ ଧାନ କୁହାଯାଏ । ଚାରି ଧାମରେ ବଦ୍ରିନାଥ ଧାମକୁ ହିନ୍ଦୁମାନେ ସର୍ବଶ୍ରେଷ୍ଠ ଧାମ ରୂପେ ବିବାଚନା କରିଥାନ୍ତି । ବଦ୍ରିନାଥ ବ୍ୟକ୍ତି ଦ୍ୱାରିକାନାଥ ଏବଂ ଜଗନ୍ନାଥ ପୁରୀକୁ ମଧ୍ୟ ବୈକୁଣ୍ଠ ଧାମ କୁହଯାଏ । କୁହାଯାଏ ଯେ, ସତ୍ୟଯୁଗରେ ନାରାୟଣ ବଦ୍ରିନାଥ ଧାମର ସ୍ଥାପନା କରିଥିଲେ । ତ୍ରେତୟାଯୁଗରେ ରାମେଶ୍ୱରମ୍ଙ୍କ ସ୍ଥାପନ ଭଗବାନ ଶ୍ରୀରାମଙ୍କ ଦ୍ୱାରା ହୋଇଥିଲା ଏବଂ ଦ୍ୱାପରେ ଦ୍ୱାରିକାଧାମର ସ୍ଥାପନା ପ୍ରଭୁ ଶ୍ରୀକୃଷ୍ଣଙ୍କ ଦ୍ୱାରା ଏବଂ କଳିଯୁଗରେ ଜଗନ୍ନାଥ ଧାମକୁ ବୈକୁଣ୍ଠ କୁହାଯାଏ । ତେବେ ପୁରୀର ଜଗନ୍ନାଥ ମନ୍ଦିର ସବୁଠାରୁ ପ୍ରସିଦ୍ଧ ଅଟେ । ସେହିପରି ଦ୍ୱିତୀୟ ବୈକୁଣ୍ଠରେ ଶ୍ରୀବିଷ୍ଣୁ ନିଜର ୪ ପାଟରାଣୀ ଶ୍ରୀଦେବୀ, ଭୂଦେବୀ, ନୀଳା ଏବଂ ମହାଲକ୍ଷ୍ମୀଙ୍କ ସହିତ ନିବାସ କରନ୍ତି । ଏହି ବୈକୁଣ୍ଠ ସଂପର୍କରେ କୁହଯାଏ ଯେ, ମୃତ୍ୟୁ ପରେ ବିଷ୍ଣୁଭକ୍ତମାନେ ଏହିଠାରେ ଅବସ୍ଥାନ କରନ୍ତି । ଭଗବାନ ଶ୍ରୀକୃଷ୍ଣ ଦ୍ୱାରିକା ବ୍ୟତିତ ଆଉ ଏକ ନଗର ନିର୍ମାଣ କରିଥିଲେ ଯାହାକୁ ବୈକୁଣ୍ଠ କୁହାଯାଏ । ମାନ୍ୟତା ଅଛି ଯେ, ଅରାବଳୀ ପାହାଡ଼ ଅଞ୍ଚଳରେ ବୈକୁଣ୍ଠ ଧାମ ରହିଛି । ଯେଉଁଠାରେ ସାଧାରଣ ମନୁଷ୍ୟ ନୁହନ୍ତି, କେବଳ ସାଧୁସନ୍ଥମାନେ ରହିଥାନ୍ତି। କୁହାଯାଏ ଯେ, ପରମଧାମକୁ ଯିବା ପରେ ଜୀବାତ୍ମା ସବୁଦିନ ପାଇଁ ଜୀବନ ଏବଂ ମରଣ ଚକ୍ରରୁ ମୁକ୍ତି ପାଇଥାଏ । ଏହି ଧାମ ସବୁଠାରୁ ଉପରେ ଅର୍ଥାତ୍ ସର୍ବୋଚ୍ଚ ଅଟେ । ଏଠାରେ ନା ସୁଖ ଅଛି ନା ଦୁଃଖ । ମାନ୍ୟତା ରହିଛି ଯେ, ବୈକୁଣ୍ଠ ଧାମ ପ୍ରାପ୍ତ କରୁଥିବା ଜୀବାତ୍ମା କିଛିକାଳ ପାଇଁ ଆନନ୍ଦ ଓ ସୁଖ ପ୍ରାପ୍ତି କରିଥାଏ । କିନ୍ତୁ ସୁଖ ଭୋଗ କରି ସାରିବା ପରେ ପୁଣି ମୃତ୍ୟୁଲୋକକୁ ଆସିଥାଏ ।

ଘରେ ଲଗାନ୍ତୁ ଏହି ଗଛ, ହେବେନାହିଁ ମଶା

ବର୍ଷା ଋତୁରେ ଝଲେ ମଶାଙ୍କ ରାଜ୍ ଫ ଅଧିକାଂଶ ରୋଗର କାରଣ ହୋଇଥାନ୍ତି ମଶା ଫ ଏମାନଙ୍କୁ ରୋକିବାକୁ ଅନେକ ପ୍ରକ୍ରିୟା ଆପଣାଇଲେ ମଧ୍ୟ ଏଥିରୁ ବଞ୍ଚି ଯାଇଥାନ୍ତି ମଶା । ମଶାଙ୍କୁ ଏଡାଇବା ପାଇଁ ପରିଷ୍କାର ପରିଚ୍ଛନ୍ନତା ଆପଣାଇବା ଜରୁରୀ ଅଟେ । ଏହାବ୍ୟତୀତ ଘରେ କିଛି ଔଷଧୀୟ ଗଛ ଲଗେଇବା ଆବଶ୍ୟକ । ଆସନ୍ତୁ ଏମିତି କିଛି ଗଛ ଉପରେ ନଜର ପକେଇବାତୁଳସୀ ଗଛ । ଏହା ହେଉଛି ଏକ ହର୍ବାଲ ଉଦ୍ଭିଦ । ଯାହା କେବଳ ଥଣ୍ଡା ଏବଂ କାଶ ପାଇଁ ନୁହେଁ, ବରଂ ମଶାମାନଙ୍କୁ ଘରୁ ତଡ଼ିବାରେ ବେଶ୍ ସହାୟକ ହୋଇଥାଏ । ତୁଳସୀର ସୁଗନ୍ଧ ମଶା ଲାର୍ଭା ବୃଦ୍ଧିକୁ ରୋକିଥାଏ, ଯେଉଁ କାରଣରୁ ମଶାମାନେ ଅଣ୍ଡା ଦେବାରେ ସକ୍ଷମ ହୁଅନ୍ତି ନାହିଁ ।ଆଉ ଏପରି ହେବା ଦ୍ୱାରା ସେମାନଙ୍କ ସଂଖ୍ୟା ବୃଦ୍ଧି ହୁଏ ନାହ ।ଗେଣ୍ଡୁ ଫୁଲ ମଶା ଏବଂ ଅନ୍ୟ କୀଟପତଙ୍ଗକୁ ମଧ୍ୟ ଘରଠାରୁ ଦୂରେଇ ରଖିଥାଏ। ପାଇରେଥ୍ରମ୍ ପରି କୀଟନାଶକ ଗେଣ୍ଡୁ ଫୁଲରେ ରହିଥାନ୍ତି । ଯାହା କୀଟପତଙ୍ଗଙ୍କ ବଂଶ ବୃଦ୍ଧି କରିବାକୁ ଦେଇ ନଥାଏ । ଏହି ଫୁଲରୁ ଆସୁଥିବା ଗନ୍ଧ ମଶାମାନଙ୍କୁ ଦୂରେଇ ଥାଏ।ୟରସୁଣ-ଅଦା ଗଛ ଲଗାଇଲେ ମଧ୍ୟ ଆପଣ ମଶା ଓ ଅନ୍ୟ କୀଟପତଙ୍ଗଠାରୁ ଦୂରେ ରହିପାରିବେ ।ଏହି ଉଦ୍ଭିଦର ଡାଳରୁ ଆସୁଥିବା ଦୁର୍ଗନ୍ଧ ମଶା ଏବଂ କୀଟପତଙ୍ଗକୁ ଆସିବାକୁ ଦିଏ ନାହିଁ।ମଶା ଏବଂ ଅନ୍ୟାନ୍ୟ କୀଟମାନଙ୍କୁ ପାଖ ମଡେଇବାକୁ ଦିଏ ନାହିଁ ପୋଦିନା ଗଛ । ଉଦ୍ଭିଦର ସୁଗନ୍ଧ ମଶାମାନଙ୍କୁ ଘଉଡାଇବା ପାଇଁ ବେଶ୍ ଭଲ କାମ କରେ।ୟଲେମନ୍ଗ୍ରାସ୍ ସହଜରେ ବଢୁଥିବା ଏକ ଉଦ୍ଭିଦ, ଯାହା ଉଦ୍ୟାନର ସୌନ୍ଦର୍ଯ୍ୟ ବଢାଇବା ବ୍ୟତୀତ ମଶା ଏବଂ କୀଟପତଙ୍ଗକୁ ମଧ୍ୟ ଦୂରେଇ ରଖିଥାଏ ।

ମନ୍ଦିର ଦର୍ଶନ ଓ ତୀର୍ଥଯାତ୍ରାର ସୁଫଳି ଜିନିଷ

ଆଧୁନିକ ଯୁଗରେ ମଣିଷ ନିଜ କାମ ଏବଂ ସମସ୍ୟା ଜଞ୍ଜାଳ ଭିତରେ ଏତେ ଘାଣ୍ଟି ହୋଇଯାଇଛି ଯେ ମନ୍ଦିର ଏବଂ ତୀର୍ଥ ଯାତ୍ରାକୁ ଯିବା ତ' ଦୂରର କଥା ସେ ସମ୍ପର୍କରେ ଭାବିବା ପାଇଁ ମଧ୍ୟ ସମୟ ପାଉନାହିଁ । ସାଧାରଣତଃ ଲୋକମାନେ ତୀର୍ଥ ଯାତ୍ରାକୁ ଦାନ-ପୁଣ୍ୟ, ପାପରୁ ମୁକ୍ତି ଆଦି ପାଇଁ ଗ୍ରହଣ କରିଥାନ୍ତି । କିନ୍ତୁ ବାସ୍ତବରେ ମନ୍ଦିର ଏବଂ ତୀର୍ଥ ଯାତ୍ରାକୁ ଯିବା ଦ୍ୱାରା ଅନ୍ୟ କେତେକ ଫାଇଦା ମଧ୍ୟ ମିଳିଥାଏ । ତୀର୍ଥ ଆଧାରିତ ଗ୍ରନ୍ଥରେ ଉଲ୍ଲେଖ ରହିଛି ନିୟମିତ ତୀର୍ଥ କରିବା ଏବଂ ମନ୍ଦିରକୁ ଯିବା ଦ୍ୱାରା ୪ଟି ବିଶେଷ ଲାଭ ମିଳିଥାଏ । ପ୍ରଥମତଃ ମନ୍ଦିର ଏବଂ ତୀର୍ଥ ସ୍ଥାନକୁ ଦୈବୀ ଶକ୍ତିର କେନ୍ଦ୍ର ବୋଲି ଗ୍ରହଣ କରାଯାଇଥାଏ । ଏଠାରେ ଥିବା ବିଶେଷ ଐଶ୍ୱରିକ ଶକ୍ତି ଅନ୍ୟ କୌଣସି ଠାରେ ଦେଖିବାକୁ ମିଳିନଥାଏ । ଏହି କାରଣରୁ ମନ୍ଦିର କିମ୍ବା ତୀର୍ଥ ସ୍ଥାନକୁ ଯାଇ ମନୁଷ୍ୟର ମନ ଶାନ୍ତ ଏବଂ ଶକ୍ତିମାନ ହୋଇଥାଏ । ନିୟମିତ ମନ୍ଦିର ଯାଉଥିବା ଲୋକର ମନରେ ସର୍ବଦା ସକାରାତ୍ମକ ଚିନ୍ତାଧାରା ପୂରି ରହିଥାଏ । ସେ ନିଜ କାମରେ ସମ୍ପୂର୍ଣ୍ଣ ଭ । ବେ ମନୋନି ବେଶ କରିଥାଏ ଏବଂ ସମ୍ପୂର୍ଣ୍ଣ ଶକ୍ତି ବିନିଯୋଗ କରି ଜୀବନର ଆନନ୍ଦ ଉପଭୋଗ କରିଥାଏ । ଦ୍ୱିତୀୟତଃ ସ୍ୱାସ୍ଥ୍ୟ ଲାଭ ଦୃଷ୍ଟିରୁ ମଧ୍ୟ ତୀର୍ଥ ଯାତ୍ରା ଗୁରୁତ୍ୱପୂର୍ଣ୍ଣ । କେତେକ ସ୍ଥାନକୁ ଛାଡ଼ିଦେଲେ ମନ୍ଦିର ଏବଂ ତୀର୍ଥସ୍ଥଳୀ ଥିବା ସ୍ଥାନର ବାତାବରଣ ସମ୍ପୂର୍ଣ୍ଣ ସ୍ୱଚ୍ଛ ହୋଇଥାଏ । ଏଠାକାର ପବିତ୍ର ବାତାବରଣ ମାନସିକତା ଉପରେ ପ୍ରଭାବ ପକାଇଥାଏ । ଚାଲି ଚାଲି ତୀର୍ଥ କରିବାକୁ ଗଲେ ଶାରୀରିକ ଶ୍ରମ ମଧ୍ୟ ହୋଇଥାଏ, ଯାହା ଶରୀରକୁ ସୁସ୍ଥ ରଖିବାରେ ସହାୟତା କରିଥାଏ । ମାନସିକ ଶାନ୍ତି ମିଳୁଥିବାରୁ ମନୁଷ୍ୟ ମାନସିକ ଭାବେ ମଧ୍ୟ ସୁସ୍ଥ ରୁହେ । ମନ୍ଦିରର ଶିଢ଼ି ଚଢ଼ିବା, ଭଜନ-କୀର୍ତ୍ତନ କରିବା ସମୟରେ ତାଳି ବଜାଇବା ଦ୍ୱାରା ପାଦ ଏବଂ ହାତରେ ସ୍ୱତନ୍ତ୍ର ଚାପ ପଡ଼ିଥାଏ । ଯାହା ଆକ୍ୟୁପ୍ରେସର ଭଳି କାମ କରିଥାଏ ଏବଂ ରୋଗ ଦୂର କରିବାରେ ସହାୟକ ହୁଏ । ତୃତୀୟତଃ ତୀର୍ଥ ଯାତ୍ରା ଦ୍ୱାରା ଜ୍ଞାନ ମଧ୍ୟ ବୃଦ୍ଧି ହୁଏ । ନୂଆ ସ୍ଥାନକୁ ଯାତ୍ରା କରିବା ଦ୍ୱାର ବ୍ୟକ୍ତି ନୂଆ ନୂଆ ତଥ୍ୟ ସମ୍ପର୍କରେ ଅବଗତ ହୋଇପାରିଥାଏ । ତୀର୍ଥ ଯାତ୍ରା ଫଳରେ ମନୁଷ୍ୟର ଆଧ୍ୟାତ୍ମିକ, ଭୌଗଳିକ ଏବଂ ଐତିହାସିକ ଜ୍ଞାନ ବଢ଼େ । ଯାତ୍ରା ସମୟରେ ଅନେକ ସ୍ଥାନର ଇତିହାସ ଏବଂ ମହତ୍ୱ ଜାଣିବାକୁ ମିଳିଥାଏ । ଏଥିସହିତ ଉକ୍ତ ସ୍ଥାନର କଳା, ସଂସ୍କୃତି, ପରମ୍ପରା ଆଦି ସମ୍ପର୍କରେ ମଧ୍ୟ ଜ୍ଞାନ ପ୍ରାପ୍ତ ହୋଇଥାଏ । ମଣିଷ ନୂଆ ନୂଆ ଅଭିଜ୍ଞତା ଅର୍ଜନ କରିଥାଏ, ଯାହା ଜୀବନରେ ଆଗକୁ ବଢ଼ିବା ଲାଗି ମନୁଷ୍ୟକୁ ପ୍ରେରଣା ଯୋଗାଏ । ଚତୁର୍ଥତଃ ତୀର୍ଥ ଯାତ୍ରା ଫଳରେ ମନୁଷ୍ୟ ନିଜ ଘର-ପରିବାର ବ୍ୟତୀତ ଅନ୍ୟ ଲୋକଙ୍କ ସମ୍ପର୍କରେ ମଧ୍ୟ ଆସିଥାଏ । ଯାହାଦ୍ୱାରା ଜ୍ଞାନ ଏବଂ ପରିଚୟ ବୃଦ୍ଧି ପାଇଥାଏ ।

ଦୁନିଆର ସବୁଠୁ ଦାମୀ ପରିବା

ପନିପରିବା ଶସ୍ତାରେ ମିଳେ। ତେବେ ଦୁନିଆରେ ସବୁଠୁ ଦାମୀ ପରିବା ବିଷୟରେ ଜାଣନ୍ତି କି ? ଯାହାର ଦାମ୍ ସାଧାରଣ ପରିବା ବା ମାଛମାଂସଠୁ ମଧ୍ୟ ବହୁ ଗୁଣରେ ଅଧିକ। କିଲୋ ପ୍ରତି ୮୦୦୦୦ ଟଙ୍କାରେ ବିକ୍ରି ହେଉଥିବା ଏହି ପରିବାର ନାମ ହେଉଛି ହପ୍ ସୁଟ । ଏହାର ଫୁଲକୁ ହପ୍ କୋନ୍ସ କୁହାଯାଏ। ବଜାର ତଥା ଷ୍ଟୋରଗୁଡ଼ିକରେ ଏହି ପରିବା ମିଳିବା ମୁସ୍କିଲ୍।ତେବେ ଏହାର ଫୁଲ ହପ୍ କୋନ୍ସକୁ ବିୟର ପ୍ରସ୍ତୁତ କରିବାରେ ବ୍ୟବହାର କରାଯାଏ। ଏହା ବ୍ୟତୀତ ଏହାର ଡାଳ ବା ଡେମ୍ପକୁ ଆପଣ ବିଭିନ୍ନ ଉପାୟରେ ବ୍ୟବହାର କରିପାରିବେ। ଏହି ପରିବାରେ ରହିଛି ଅନେକ ଔଷଧୀୟ ଗୁଣ। ପ୍ରାୟ ୮୦୦ ଶତାବ୍ଦୀରେ ଏହାକୁ ଆବିଷ୍କାର କରାଯାଇଥିଲା। ଉ□ର ଜର୍ମାନୀର କୃଷକମାନେ ପ୍ରଥମେ ଏହାକୁ ବିୟରର ସ୍ୱାଦ ବଢ଼ାଇବା ପାଇଁ ବ୍ୟବହାର କରିଥିଲେ। ପରେ ୧୭୧୦ରେ ଇଂଲଣ୍ଡ ପାର୍ଲିଆମେ□ ଏହା ଉପରେ ଟ୍ୟାକ୍ସ ଲଗାଇଥିଲେ ଏବଂ ସବୁପ୍ରକାର ବିୟର ପ୍ରସ୍ତୁତିରେ ଏହାର ବ୍ୟବହାରକୁ ବାଧ୍ୟତାମୂଳକ କରିଥିଲେ। ସେବେଠୁ ଏହାର ବ୍ୟବହାର ଝଲିଆସୁଛି।

ଏଥିରେ ଥିବା ଔଷଧୀୟ ଗୁଣ ଶରୀରର ଅନେକ ସମସ୍ୟା ଦୂର କରେ। ଦାନ୍ତମୂଳରେ ହେଉଥିବା କଷ୍ଟଠୁ ଆରମ୍ଭ କରି ଟି.ବି ଭଳି ରୋଗର ଉପଷମ କରିପାରେ ଏହି ଉଦ୍ଭିଦ। ଏଥିରେ ରହିଛି ଆଣ୍ଟିବାୟୋଟିକର ଗୁଣ। ଏହାର ଡେମ୍ପ ବା ଡାଳକୁ ଖାଦ୍ୟରେ ପିଆଜ ଭଳି ବ୍ୟବହାର କରିପାରିବେ ବା ଗ୍ରିଲ୍ କରି ଖାଇପାରିବେୟ ଝହିଁଲେ ଏହାର ଆଉର ମଧ୍ୟ ତିଆରି କରିପାରିବେ। କ□ା ଖାଇଲେ ଏହା ପାଟିକୁ ପିତା ଲାଗେ।ତେବେ ଏହି ପରିବା ଝଷ ବାରମାସ ଯାକ କରିହେବ କିନ୍ତୁ ମାର୍ଚ୍ଚରୁ ଜୁନ୍ ମାସ ପର୍ଯ୍ୟନ୍ତ ସମୟ ଏହାପାଇଁ ଅଧିକ ଅନୁକୂଳ। ଏହାର ଝଷ ପାଇଁ ସୂର୍ଯ୍ୟ କିରଣର ଆ।ବଶ୍ୟକତା ରହିଛି ଯାହା ଗଛ ବଢ଼ିବାରେ ସାହାଯ୍ୟ କରେ। ଗୋଟିଏ ଦିନରେ ଏହା ପ୍ରାୟ ୬ ଇ□ ଯାଏଁ ବଢିପାରେୟ ଆ।ମେରିକା, ଜର୍ମାନୀ, ଝଇନା, ପୋଲାଣ୍ଡ ଆ।ଦି ଦେଶଗୁଡ଼ିକରେ ଏହାର ଝଷ କରାଯାଏ।

ନଗରନକ୍ସା ମହାନଗରର ନିଜ ଭାଷା

ସମ୍ଭାବ୍ୟ ବର୍ଷା ମୁକାବିଲା ପାଇଁ କୃଷି ବିଭାଗ ପ୍ରସ୍ତୁତ

ଭୁବନେଶ୍ୱର, ୨୩।୧୦ (ମହାଭାରତ): ସମ୍ଭାବ୍ୟ ବର୍ଷା ଓ ଏହାର ମୁକାବିଲା ନିମନ୍ତେ କୃଷି ବିଭାଗର ଏକ ପ୍ରସ୍ତୁତି ବୈଠକ କୃଷି ବିଭାଗ ପ୍ରମୁଖ ଶାସନ

ସଚିବ ଡ. ଅରବିନ୍ଦ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା, ଭାରତୀୟ ପାଣିପାଗ ନିର୍ଦ୍ଦେଶିକା ଶ୍ରୀମତୀ ମନୋରମା ମହାନ୍ତି, ଓୟୁଏଟି ଡିନ୍ ଡଃ. ପ୍ରସନ୍ନଜିତ ମିଶ୍ର ମଧ୍ୟ ଯୋଗଦେଇଥିଲେ।

ପାଣିପାଗ ବିଭାଗ ସୂଚନା ଅନୁଯାୟୀ ଏଯାବତ ରାଜ୍ୟରେ ସମ୍ଭାବ୍ୟ ବାତ୍ୟାର କୌଣସି ସୂଚନା ନାହିଁ। କିନ୍ତୁ ଦକ୍ଷିଣ-ପଶ୍ଚିମ ମୌସୁମୀ ପ୍ରତ୍ୟାବର୍ତ୍ତନ କାରଣରୁ ସାମୟିକ ଭାବେ ରାଜ୍ୟର କିଛି ସ୍ଥାନରେ ବିକ୍ଷିପ୍ତ ବର୍ଷା ହେବାର ସମ୍ଭାବନା ରହିଛି ଏବଂ ବିଶେଷ କରି ଉପକୂଳ ଓଡ଼ିଶାରେ କିଛି ସ୍ଥାନରେ ବଜ୍ରପାତ ହେବାର ସମ୍ଭାବନା ରହିଛି। ତଦନୁଯାୟୀ ଚାଷୀମାନଙ୍କୁ ପାଣିପାଗ ବିଭାଗର ପରାମର୍ଶକୁ ଅନୁପାଳନ କରିବା ପାଇଁ କୃଷି ସଚିବ ଡ. ପାଢ଼ୀ ଅନୁରୋଧ କରିଛନ୍ତି। ଚଳିତ ଖରିଫ୍ ଋତୁରେ (ଜୁନ୍ ୧ରୁ ସେପ୍ଟେମ୍ବର ୩୦ ମଧ୍ୟରେ) ରାଜ୍ୟରେ ୧୦୦ ପ୍ରତିଶତ ବର୍ଷା ସାଧାରଣ ଭାବେ ହୋଇଛି ଏବଂ ଏହି କାରଣରୁ ଭଲ ଫସଲ ଅମଳ ଆଶା କରାଯାଉଛି। ଚାଷୀ ଭାଇ ଭଉଣୀମାନେ କୌଣସି ପ୍ରକାର ବିଭ୍ରାନ୍ତିକର ତଥ୍ୟ ଶୁଣି ଭୟଭୀତ ନହେବାକୁ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ଆବଶ୍ୟକସ୍ଥଳେ ଚାଷୀମାନେ ୧୫୫୩୩୩ ନମ୍ବରରେ ଯୋଗାଯୋଗ କରିପାରିବେ କିମ୍ବା ନିକଟସ୍ଥ ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ର/ କୃଷି ଅଧିକାରୀଙ୍କୁ ଯୋଗାଯୋଗ କରିପାରିବେ। ବୈଠକରେ ବହୁ ବିଭାଗୀୟ ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।

ରାଜ୍ୟସ୍ତରୀୟ କଳା ଉତ୍ସବ ଉଦଘାଟିତ

ଭୁବନେଶ୍ୱର,୨୩।୧୦ (ମହାଭାରତ): ରାଜ୍ୟସ୍ତରୀୟ କଳା ଉତ୍ସବ-୨୦୨୫ ବୁଧବାର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ୟୁନିଟ୍ -୬, ଭୁବନେଶ୍ୱର ପରିସରରେ ଉଦଘାଟିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଓସେପା, ଶ୍ରୀମତୀ ଅନନ୍ୟା ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଶାର ବିଭିନ୍ନ ଜୋନରୁ ଆସିଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହିତ କଳା କ୍ଷେତ୍ରରେ ଓଡ଼ିଶାର ଅବଦାନ ସବୁବେଳେ ଅନନ୍ୟ ବୋଲି ମତବ୍ୟକ୍ତ କରିଛନ୍ତି। ଛାତ୍ରଛାତ୍ରୀମାନେ ଭିତରେ ଲୁଚିରହିଥିବା ଅନ୍ତର୍ନିହିତ ଗୁଣାବଳୀର ପ୍ରକାଶ ପାଇଁ ଏହି କାର୍ଯ୍ୟକ୍ରମ ଏକ ପ୍ରକୃଷ୍ଟ ମାଧ୍ୟମ ବୋଲି ସେ ପରିପ୍ରକାଶ କରିଛନ୍ତି। ଏଥିସହ ଛାତ୍ରଛାତ୍ରୀମାନଙ୍କର ଉତମ ପ୍ରଦର୍ଶନ ସେମାନଙ୍କୁ କେନ୍ଦ୍ରସ୍ତରରେ ସଫଳତା ପ୍ରଦାନ କରିବବୋଲି ଆଶାବ୍ୟକ୍ତ କରିଛନ୍ତି।

କାର୍ଯ୍ୟକ୍ରମରେ ଚଳଚ୍ଚିତ୍ର ଅଭିନେତ୍ରୀ ଶ୍ରୀମତୀ ମେଘନା ମିଶ୍ର ସ୍ୱତନ୍ତ୍ର ଅତିଥି ଭାବରେ ଯୋଗ ଦେଇ କଳାର ମହତ୍ୱ ସମ୍ବନ୍ଧରେ ପିଲାମାନଙ୍କୁ ଅବଗତ କରାଇଥିଲେ । ପିଲାମାନେ ଉପଯୁକ୍ତ ଚିନ୍ତା, ଚେତନା, ଅନୁଭବ କରିବା ଓ ତାହାକୁ କାର୍ଯ୍ୟରେ ରୂପାନ୍ତରିତ କରିବା ପାଇଁ ପ୍ରେରଣା ଦେଇଥିଲେ। ଏହି ଅବସରରେ

ଓସେପାର ଅତିରିକ୍ତ ନିର୍ଦ୍ଦେଶକ (ସାଧାରଣ) ଶ୍ରୀମତୀ ସଙ୍ଗୀତା ବେହେରା ସମସ୍ତ ଅତିଥିମାନଙ୍କୁ ସ୍ୱାଗତ ଅଭିଭାଷଣର ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ସୁଜାତାବାଳା ଦାସ ପିଲାମାନଙ୍କ ଉଦ୍ଦେଶ୍ୟରେ ଅଭିଭାଷଣ ରଖିଥିଲେ। ଓସେପାର ଯୁଗ୍ମ ନିର୍ଦ୍ଦେଶକ ଡ. ସନ୍ତୋଷ କୁମାର ରାଉତ ଅତିଥିବୃନ୍ଦ ଓ କର୍ମକର୍ତା ମାନଙ୍କୁ ସେମାନଙ୍କର ବହୁମୂଲ୍ୟ ସମୟ ପ୍ରଦାନ କରି ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିବାରୁ ଧନ୍ୟବାଦ ଅର୍ପଣ କରିଥିଲେ। ରାଜ୍ୟସ୍ତରୀୟ କଳା ଉତ୍ସବ-୨୦୨୫ ରେ ରାଜ୍ୟର ୬ଟି ଜୋନରୁ ୧୪୦ଜଣ ପିଲା ଉକ୍ତ ଉତ୍ସବରେ ଯୋଗଦେଇଛନ୍ତି। ଏହି କାର୍ଯ୍ୟକ୍ରମ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ୟୁନିଟ୍-୬ ରେ ଦୁଇ ଦିନ ଧରି ଚାଲୁ ରହିବ।

ଶ୍ରୀଅନ୍ନ ସମ୍ମିଳନୀର ପ୍ରସ୍ତୁତି ବୈଠକ

ଭୁବନେଶ୍ୱର,୨୩।୧୦ (ମହାଭାରତ): ଆସନ୍ତା ନଭେମ୍ବର ମାସ ୧୦ ଓ ୧୧ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି ଅନ୍ତର୍ଜାତୀୟ ଶ୍ରୀଅନ୍ନ ସମ୍ମିଳନୀ । ଏଥରର ଶୀର୍ଷକ ରହିଛି 'ଅନ୍ତର୍ଜାତୀୟ ଶ୍ରୀଅନ୍ନ ସମ୍ମିଳନୀ ଓ କୃଷି ଐତିହ୍ୟରେ ମହିଳାଙ୍କ ଭାଗିଦାରୀ' । ଚଳିତ ଥର ମହିଳା ଚାଷୀଙ୍କ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇ ସ୍ୱତନ୍ତ୍ର ଅଧିବେଶନର ଆୟୋଜନ କରାଯାଉଛି । କୃଷିରେ ପୁରୁଷଙ୍କ ଭଳି ମହିଳାଙ୍କ ଭାଗିଦାରୀ ମଧ୍ୟ ଅନୁରୂପ ଅଟେ। ସେଇମାନେ ହିଁ ପ୍ରକୃତରେ ଆମର ପାରମ୍ପରିକ ଖାଦ୍ୟ ଶସ୍ୟର ସଂରକ୍ଷକ ଅଟନ୍ତି । ଏହି ପରିପ୍ରେକ୍ଷୀରେ ଆଜି କୃଷି ଓ କୃଷକ ସଶକ୍ତିକରଣ ବିଭାଗ ମନିଟରିଂ କମିଟିର ବୈଠକ ଡ଼ ଅରବିନ୍ଦ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।ଦୁଇଦିନିଆ ଅନ୍ତର୍ଜାତୀୟ ଶ୍ରୀଅନ୍ନ ସମ୍ମିଳନୀକୁ ମୁଖ୍ୟମନ୍ତ୍ରୀ ଉଦଘାଟନ କରିବେ ଏବଂ ଉଦଯାପନୀ ସମାରୋହରେ ରାଜ୍ୟପାଳ ଯୋଗଦେବେ। ଦେଶ ବିଦେଶରୁ ବହୁ କୃଷିବିତ୍, ବୈଜ୍ଞାନିକ, ମହିଳା କୃଷି ଉଦ୍ୟୋଗୀ, ଏନଜିଓ, ଏଫପିଓ, ଅନ୍ତର୍ଜାତୀୟ ସଂସ୍ଥା ଯଥା ଏଫଏଓ, ଏମଏସଏସଆରଏଫ, ଆଇଏଫପିଆରଆଇ, ଏସଇଡବ୍ଲ୍ୟୁଏ ଆଦି ଏହି ସମ୍ମିଳନୀରେ ଅଂଶଗ୍ରହଣ କରୁଛନ୍ତି । ବହୁ ସଂଖ୍ୟକ ଚାଷୀ, ଉଦ୍ୟୋଗୀ, ଛାତ୍ରଛାତ୍ରୀ ମଧ୍ୟ ଏଥିରେ ଅଂଶଗ୍ରହଣ କରିବେ। ବୈଠକରେ କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା, ଓୟୁଏଟି ଡିନ ଡ଼ ପ୍ରସନ୍ନଜିତ ମିଶ୍ର, ଅତିରିକ୍ତ ନିର୍ଦ୍ଦେଶକ ତଥା ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଆୟୋଜନ ସମ୍ପର୍କିତ ତଥ୍ୟ ଉପସ୍ଥାପନ କରିଥିଲେ।

ବିକ୍ରମ ପଣ୍ଡା ନିର୍ଦ୍ଦୋଷ : ବିଜେଡି

ଭୁବନେଶ୍ୱର,୨୩।୧୦ (ମହାଭାରତ): ଗଞ୍ଜାମର ବହୁଚର୍ଚ୍ଚିତ ପୀତବାସ ହତ୍ୟାକାଣ୍ଡ ଘଟଣାରେ ପୋଲିସ ଆଜି ବିଜେଡିର ପୂର୍ବତନ ବିଧାୟକ ତଥା ବର୍ତ୍ତମାନର ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ଶ୍ରୀ ବିକ୍ରମ ପଣ୍ଡାଙ୍କୁ ଗିରଫ କରିବା ପରେ, ବିଜୁ ଜନତା ଦଳ ଏହାକୁ ସମ୍ପୂର୍ଣ୍ଣ ରାଜନୈତିକ ଉଦ୍ଦେଦଶ୍ୟ ପ୍ରଣୋଦିତ ବୋଲି କହିଛି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ଦଳର ଉପସଭାପତି ତଥା ବିରୋଧୀ ଦଳର ମୁଖ୍ୟ ସଚେତକ ଶ୍ରୀମତୀ ପ୍ରମିଳା ମଲ୍ଲିକ, ଦଳର ବରିଷ୍ଠ ସାଧାରଣ ସମ୍ପାଦକ ତଥା ମୁଖପାତ୍ର ଭୃଗୁ ବକ୍ସିପାତ୍ର, ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ. ଲେନିନ ମହାନ୍ତି, ଗୋପାଳପୁର ବିଧାୟକ ତଥା ରାଜ୍ୟର ଖଣି ଓ ପରିବହନ ମନ୍ତ୍ରୀଙ୍କ ସମ୍ପୃକ୍ତି ନେଇ ଅଭିଯୋଗ ରହିଥିଲା ବେଳେ, ତାଙ୍କୁ ଓ ରାଜ୍ୟ ସରକାରଙ୍କୁ ବଞ୍ଚାଇବାକୁ ଯାଇ ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ବିକ୍ରମ ପଣ୍ଡାଙ୍କୁ ଚକ୍ରାନ୍ତ କରି ଫସାଯାଇଛି ବୋଲି କହିଥିଲେ। ଶ୍ରୀ ପଣ୍ଡାଙ୍କ ସମ୍ପୃକ୍ତି ନେଇ ଗୁଡିଏ ଗପ ଶୁଣାଇଛି ପୋଲିସ, କିନ୍ତୁ ତାଙ୍କ ବିରୋଧରେ ତିଳେ ମାତ୍ର ପ୍ରମାଣ ଦେଇ ପାରିନାହିଁ ।

ଶ୍ରୀମତୀ ପ୍ରମିଳା ମଲ୍ଲିକ କହିଥିଲେ ଏହି ଚୋରା ବାଲି କାରବାର ନେଇ ଅନେକ ହିଂସାକାଣ୍ଡ ଘଟିଛି। ଏହି ଚୋରା ବାଲି କାରବାରରେ ଗୋପାଳପୁର ବିଧାୟକ ତଥା ରାଜ୍ୟର ଖଣି ଓ ପରିବହନ ମନ୍ତ୍ରୀ ବିଭୁତି ଜେନାଙ୍କ ସମ୍ପୃକ୍ତି ରହିଛି ବୋଲି ଅଭିଯୋଗ ହୋଇ ଆସୁଛି। ବିଜେପି ନେତା ପୀତବାସ ପଣ୍ଡାଙ୍କ ହତ୍ୟାକାଣ୍ଡ ଘଟିବା ପରେ ପ୍ରଥମେ ଏହା ଚୋରା ବାଲି କାରବାରକୁ ନେଇ ଘଟିଛି ଓ ଏଥିରେ ମନ୍ତ୍ରୀ ଶ୍ରୀ ଜେନାଙ୍କ ସମ୍ପୃକ୍ତି ରହିଛି ବୋଲି ଆଲୋଚନା ହୋଇଥିଲା। ଶ୍ରୀ ଭୃଗୁ ବକ୍ସିପାତ୍ର କହିଥିଲେ, କେବଳ ରାଜନୈତିକ ଉଦ୍ଦେଦଶ୍ୟ ପ୍ରଣୋଦିତ ଭାବେ, ବିଜେଡି ନେତା ବିକ୍ରମ ପଣ୍ଡାଙ୍କ ସମ୍ପୃକ୍ତି ଦେଖାଇ ତାଙ୍କୁ ଗିରଫ କରାଯାଇଛି । ରାଜନୈତିକ ଉଦ୍ଦେଦଶ୍ୟ ରଖି ନେତାମାନଙ୍କୁ ଟାର୍ଗେଟ କରିବା ବିଜେପିର ପୁରୁଣା ଅଭ୍ୟାସ । ପୀତବାସ ପଣ୍ଡାଙ୍କ ହତ୍ୟା ପାଇଁ ତିଆରି ହୋଇଥିବା ପ୍ଲଟ ଠାରୁ ବିକ୍ରମ ପଣ୍ଡାଙ୍କୁ ଫସାଇବା ପାଇଁ ବିଜେପି ଇଙ୍ଗିତରେ ପୋଲିସ ରଚିଥିବା ପ୍ଲଟ ଅଧିକ ଭୟଙ୍କର ଓ ମାରାତ୍ମକ ।

ନୂଆପଡାରେ ବିଜେପି ଜୟଲାଭ କରିବା ସୁନିଶ୍ଚିତ

ଭୁବନେଶ୍ୱର, ୨୩।୧୦ (ମହାଭାରତ): ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପରେ ରାଜ୍ୟବାସୀଙ୍କ ଆସ୍ଥା ଓ ବିଶ୍ୱାସ ବଢ଼ିଚାଲିଛି। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିକଶିତ ଭାରତ ଗଠନ ପାଇଁ ଯେଉଁ ସ୍ୱପ୍ନ ଦେଖିଛନ୍ତି ତାହାକୁ ପୂରଣ କରିବା ପାଇଁ ବିଜେପିରେ ନୂତନ କାର୍ଯ୍ୟକର୍ତାଙ୍କ ଯୋଗଦାନ ବଢ଼ିବାରେ ଲାଗିଛି। ଦିବଂଗତ ନେତା ନୂଆପଡ଼ା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତଃ ରାଜେନ୍ଦ୍ର ଢୋଲକିଆଙ୍କ ପରଲୋକ ପରେ ତାଙ୍କ ପୁଅ ଜୟ ଢୋଲକିଆ ବିଜେପିରେ ଗତ ୧୧ ତାରିଖ ଦିନ ବିଧିବଦ୍ଧ ଭାବେ ବିଜେପିରେ ସାମିଲ ହୋଇଥିଲେ। ଏହା ପରେ ଉଭୟ କଂଗ୍ରେସ ଓ ବିଜେଡି ନେତା ଓ କର୍ମୀ ପର୍ଯ୍ୟାୟକ୍ରମେ ବିଜେପିରେ ଯୋଗ ଦେଉଛନ୍ତି। ଆଜି ନୂଆପଡା ଜିଲ୍ଲାର ବରିଷ୍ଠ ଓ ପୁରୁଖା କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ପ୍ରାର୍ଥୀ ସ୍ୱର୍ଗତଃ ପ୍ରେମ କୁମାର ଆଜାଦଙ୍କ ସୁକନ୍ୟା ଶ୍ରୀମତୀ ଶିଖା ଆଜାଦ ଆନୁଷ୍ଠନିକ ଭାବେ

ବିଜେପିରେ ଯୋଗଦାନ କରିଛନ୍ତି। ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଦଳୀୟ ଟୋପି ଓ ଉତ୍ତରୀୟ ପିନ୍ଧାଇ ଶ୍ରୀମତି ଆଜାଦଙ୍କୁ ସ୍ୱାଗତ ଜଣାଇଛନ୍ତି। ନୂଆପଡା ଉପନିର୍ବାଚନ ପୂର୍ବରୁ ଶ୍ରୀମତୀ ଆଜାଦଙ୍କ ଯୋଗଦାନ ଦ୍ୱାରା ଭାରତୀୟ ଜନତା ପାର୍ଟି ଆହୁରି ଅଧିକ ଶକ୍ତିଶାଳୀ ହୋଇଛି ବୋଲି ମନମୋହନ କହିଛନ୍ତି।

ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେପିରେ ଯୋଗ ଦେଇଛି। କଂଗ୍ରେସ ଦଳ ଉପରୁ ନୂଆପଡାବାସୀ ଆସ୍ଥା ହରାଇ ବସିଛନ୍ତି। ଚଳିତ ନୂଆପଡା ଉପନିର୍ବାଚନରେ ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ବିପୁଳ ସଂଖ୍ୟାରେ ଭୋଟ ପାଇ ଜୟଯୁକ୍ତ ହେବେ ବୋଲି ଶ୍ରୀମତୀ ଆଜାଦ ଦୃଢୋକ୍ତି ପ୍ରକାଶ କରିଛନ୍ତି। ଏହି ଅବସରରେ ଶ୍ରୀମତୀ ଅମ୍ବିକା ହେମ୍ବ୍ରମ ମଧ୍ୟ ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦାନ କରିଛନ୍ତି। ଏହି ଅବସରରେ ରାଜ୍ୟ ମୁଖପାତ୍ର ଦିଲୀପ ମଲ୍ଲିକ ଉପସ୍ଥିତ ଥିଲେ।

ଏସଆଇ ପରୀକ୍ଷା ଦୁର୍ନୀତିକୁ ଲୁଚାଇବା ପାଇଁ ଷଡ଼ଯନ୍ତ୍ର ଚାଲିଛି ସବ୍‌ଇନ୍ସପେକ୍ଟରଙ୍କୁ ଦୁଷ୍କର୍ମ, ଆଇଆଇସି ଗିରଫ

ଭୁବନେଶ୍ୱର,୨୩।୧୦ (ମହାଭାରତ): ପୋଲିସ ଏସଆଇ ପରୀକ୍ଷାର ମହାଦୁର୍ନୀତିକୁ ସଂପୂର୍ଣ୍ଣରୂପେ ଜନମାନସରୁ ଅପସରି ଦେବା ପାଇଁ ରାଜ୍ୟ ସରକାର କ୍ରାଇମବ୍ରାଞ୍ଚ ମାଧ୍ୟମରେ ଏକ ବଡ଼ଷଡଯନ୍ତ୍ର ରଚିଛନ୍ତି ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସର ବରିଷ୍ଠ ମୁଖପାତ୍ର ରଜନୀ ମହାନ୍ତି ଅଭିଯୋଗ କରିଛନ୍ତି।

୨୦୨୪ ମସିହାରେ ରାଜ୍ୟ ସରକାର ରାଜ୍ୟରେ ୯୩୩ ପୋଲିସ ବିଭାଗର ଏସଆଇ ପଦବୀ ସହିତ ଅନ୍ୟପଦବୀ ପାଇଁ ବିଜ୍ଞାପନ ପ୍ରକାଶ କରିଥିଲେ। ଓଡ଼ିଶା ପୋଲିସ ରିକ୍ୟୁଟମେଂଟ ବୋର୍ଡ ମାଧ୍ୟମରେ ଏହି ପରୀକ୍ଷା କରାଯିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଲେ। ସବୁଠାର ଆଶ୍ଚର୍ଯ୍ୟର କଥା ଏହି ପରୀକ୍ଷାକୁ କରିବା ପାଇଁ ଓଡ଼ିଶା ପୋଲିସ ରିକ୍ୟୁଟମେଂଟ ବୋର୍ଡ ପାଖରେ ଆବଶକୀୟ ଆସବାସ ପତ୍ର ନଥିଲା ବେଳେ କାହିଁକି ଓ କେଉଁ ଉଦ୍ଦେଶ୍ୟରେ ଓଡ଼ିଶା ପୋଲିସ ରିକ୍ୟୁଟମେଂଟ ବୋର୍ଡକୁ ଏ ଦାୟିତ୍ୱ ଦିଆଗଲା ବୋଲି ସେ ପ୍ରଶ୍ନ କରିଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର କଥା ଏହି ପରୀକ୍ଷାକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ଓପିଆର ବିଭାଗର ଏସଆଇଆଇ ସଂସ୍ଥାକୁ ଟେଣ୍ଡର ଦେଇଥିଲା। ସେତେବେଳେ ଟେଣ୍ଡରର କଂଟ୍ରାକ୍ଟ ମୁତାବକ ଆଇଟିଆଇ ସଂସ୍ଥା କୌଣସି ଏକ ସଂସ୍ଥାକୁ ସବକଂଟ୍ରାକ୍ଟ ଦେଇ ପାରିବାର ନିୟମ ରଖିଥିଲେ। ସେହି ନିଷ୍ପତ୍ତିରେ ଆଇଟିଆଇ ସଂସ୍ଥାକୁ ସିଲିକନ ଟେକ ଲ୍ୟାବକୁଏହି ପରୀକ୍ଷାକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ଡେଣ୍ଡୁ ଏଠାରେ ସିଲିକନ ଟେକଲାବ କିଭଳି ଭାବରେ ଶଙ୍କର ପୃଷ୍ଟିଙ୍କ ସଂସ୍ଥା ଟେକଲାବକୁ ଦେଲା ଏବଂ ଏହି ଘଟଣା ଜାଣିଲା ପରେ କାହିଁକି ଓପିଆରବି ପର୍ଷଦ କରିନଥିଲା। ଏହି ସମସ୍ତ ଅଭିଯୋଗ ରହିଥିଲା ବେଳେ ଅନେକ ସାଙ୍ଘାତିକ କଥା ପୋଲିସ ନିକଟରେ କହିଛି ଦୀପକ। କନେଷ୍ଟବଳ ଶୁଭମିତ୍ରା ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ହେଉଛି ଦୀପକ। ୨୦୨୨ ମସିହା ମାର୍ଚ୍ଚ ମାସ ୧୭ ତାରିଖରେ ପ୍ରଥମ ପତ୍ନୀ ଅପର୍ଣ୍ଣା ପ୍ରିୟଦର୍ଶିନୀ କାର ଯୋଗେ ଢେଙ୍କାନାଳରୁ ଭୁବନେଶ୍ୱର ଆସୁଥିବା ବେଳେ ଖୁଣ୍ଟୁଣି ଥାନା ଅନ୍ତର୍ଗତ ରାଧାକିଶୋରପୁର ଠାରେ ତାଙ୍କର ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ପୋଲିସ ଆଗରେ କହିଥିଲା ଦୀପକ। ଏବେ ହତ୍ୟା ଅଭିଯୋଗ ଆସିବା ପରେ ତଦନ୍ତକାରୀ ଅଧିକାରୀ ଦୁର୍ଘଟଣା ମାମଲାର ସମସ୍ତ ନଥିପତ୍ରକୁ ଜବତ କରିବା ସହ ଅପର୍ଣ୍ଣାଙ୍କ ପରିବାରର ୮ଜଣ ସଦସ୍ୟ, ଦୁର୍ଘଟଣା ମାମଲାର ତଦନ୍ତକାରୀ ଅଧିକାରୀ, ସାକ୍ଷୀ ଓ ତତ୍କାଳୀନ ଖୁଣ୍ଟୁଣି ଥାନା ଅଧିକାରୀଙ୍କୁ ପଚରାଉଚରା କରିଥିଲେ। ଅପର୍ଣ୍ଣାଙ୍କୁ ମୃତ ଘୋଷଣା କରିଥିବା ଡାକ୍ତର ଓ ମୃତଦେହକୁ ବ୍ୟବଚ୍ଛେଦ କରିଥିବା ଡାକ୍ତରଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯାଇଛି। ଏଥିସହିତ ବ୍ୟବଚ୍ଛେଦ ସମୟରେ ଉପସ୍ଥିତ ଥିବା ଦୀପକର ଭାଇ, ଭାଉଜଙ୍କ ସମେତ ଅନ୍ୟ ବ୍ୟକ୍ତିଙ୍କୁ ମଧ୍ୟ ପଚରାଉଚରା କରାଯାଇଛି।

ଦୀପକର ଧରମ ଭଉଣୀ ତଥା କମିସନରେଟ ପୋଲିସରେ କାର୍ଯ୍ୟରତ ଜଣେ ମହିଳା କନେଷ୍ଟବଳଙ୍କୁ ମଧ୍ୟ ଜେରା କରିଛି ପୋଲିସ। ସେପଟେ ଅପର୍ଣ୍ଣାଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ପୁନଃ ଯାଞ୍ଚ କରାଯାଇଥିଲା। ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଅପର୍ଣ୍ଣାଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଆଉଥରେ ଯାଞ୍ଚ କରି ଏକ ରିପୋର୍ଟ ପ୍ରଦାନ କରିଛନ୍ତି। ଡାକ୍ତରଙ୍କ ବୃତ୍ତାନ୍ତ ରିପୋର୍ଟରୁ ପୋଲିସକୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ପୁନଃ ଯାଞ୍ଚ ପରେ ମଧ୍ୟ ତାହା ଦୁର୍ଘଟଣା ଜନିତ କ୍ଷତ ନୁହେଁ ବୋଲି ବରଂ ହତ୍ୟାକାଣ୍ଡ ବୋଲି ସ୍ପଷ୍ଟ ହୋଇଛି।

ଭୁବନେଶ୍ୱର,୨୩।୧୦ (ମହାଭାରତ): ସମାଜରେ ଶାନ୍ତି-ଶୃଙ୍ଖଳା ସ୍ଥାପନ ପାଇଁ ଦାୟିତ୍ୱ ନେଇଥିବା ପୁଲିସ କର୍ମଚାରୀମାନେ ମଧ୍ୟ ବିଶୃଙ୍ଖଳିତ ଆଚରଣ କରୁଥିବା ଦେଖାଯାଉଛି। ସରକାର ପୁଲିସ କର୍ମଚାରୀଙ୍କୁ ବିଶୃଙ୍ଖଳିତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାୟିତ୍ୱ ଦେଇଥିବା ବେଳେ ପୁଲିସ ନିଜେ ଏହିଭଳି ଗତିବିଧିରେ ସଂପୃକ୍ତ ରହୁଥିବା ଅଭିଯୋଗ ହେଉଛି। ଶାରୀରିକ ଏବଂ ମାନସିକ ନର୍ଯାତନା ନେଇ ମହିଳା ଏସ୍‌ଆଇଙ୍କ ଅଭିଯୋଗରେ ଭୁବନେଶ୍ୱର ମହିଳା ଥାନା ପୁଲିସ ଆଇଆଇସିଙ୍କୁ ଗିରଫ କରିଛି। ଅଭିଯୁକ୍ତ ଆଇଆଇସି ହେଲେ ଯଶୋବନ୍ତ ଆଚାର୍ଯ୍ୟ। ମହିଳା ସବ୍ ଇନ୍ସପେକ୍ଟରଙ୍କ ଅଭିଯୋଗ ଅନୁସାରେ ବିବାହର ପ୍ରତିଶ୍ରୁତି ଦେଇ ଥାନା ଅଧିକାରୀ ଦୀର୍ଘଦିନ ଧରି ଶାରୀରିକ ସଂପର୍କ ରଖିଥିଲେ। ଏପରିକି ଭୁବନେଶ୍ୱରରେ ପୋଷ୍ଟିଙ୍ଗ ପାଇବା ପରେ ବି ସମ୍ପର୍କରେ ଥିଲେ। ଗର୍ଭବତୀ ହୋଇ ଥିଲେ ଏବଂ ପରେ ଗର୍ଭ ନଷ୍ଟ କରିଥିଲେ। ୨୦୧୭ ବ୍ୟାଚର ଏହି ଅଧିକାରୀ ପଦୋନ୍ନତି ପାଇ ଏବେ କଳାହାଣ୍ଡିକୁ ଯାଇଥିଲେ। ମହିଳା ଏସ୍‌ଆଇ କହିଛନ୍ତି, ଦୀର୍ଘ ୮ ବର୍ଷ ହେବ ସେ ଆଇଆଇସି ଯଶୋବନ୍ତ ଆଚାର୍ଯ୍ୟଙ୍କ ସମ୍ପର୍କରେ ଥିଲେ। ମହିଳାଙ୍କ ଘରକୁ ଆସି ବିବାହ

କେନ୍ଦ୍ର ଏବଂ ରାଜ୍ୟ ଏକାଠି

ହିନ୍ଦି ଭାଷାର ବ୍ୟବହାର ଉପରେ କଟକଣା। ଏହାକୁ କହନ୍ତି ଅସହିଷ୍ଣୁତା। କେବଳ ବିଜେପିକୁ ଚା;ଲେଞ୍ଚା କର ଷ୍ଟାଲିନ ରାଜ୍ୟରେ ହିନ୍ଦି ଭାଷାର ବ୍ୟବହାରକୁ ବିରୋଧ କରୁଛନ୍ତି। ଯେମିତିକି ହିନ୍ଦି ହେଉଛି କେବଳ ବିଜେପିର ଭାଷା। ଏହା ଦେଶର ସଂଘୀୟ ବ୍ୟବସ୍ଥା ପ୍ରତି ବଡ଼ ବିପଦ। ଭାରତ ହେଉଛି ଏକ ରାଜ୍ୟମାନଙ୍କର ସଂଘ। ସଂଘୀୟ ବ୍ୟବସ୍ଥା ଦ୍ୱାରା ଭାରତ ପରିଚାଳିତ। କେନ୍ଦ୍ର ସରକାର ରାଜ୍ୟର ବିକାଶକୁ ସବୁ ବେଳେ ଗୁରୁତ୍ୱ ଦେଇ ଆସୁଛନ୍ତି। ନିକଟରେ ଅନୁଷ୍ଠିତ ନୀତି ଆୟୋଗ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ, ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ଗଠନ ପାଇଁ କେନ୍ଦ୍ର-ରାଜ୍ୟ ସମନ୍ୱୟର ଆବଶ୍ୟକତା ରହିଛି। ଭାରତ ଭଳି ଏକ ସଂଘୀୟ ରାଷ୍ଟ୍ରରେ କେନ୍ଦ୍ର-ରାଜ୍ୟ ଏକାଠି କାମ କଲେ କିଛି ଅସମ୍ଭବ ନୁହେଁ। ଏଥିପାଇଁ ରାଜନୈତିକ ମତପାର୍ଥକ୍ୟକୁ ଭୁଲି ସମସ୍ତେ ଏକାଠି ହେବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ କରିଛନ୍ତି। ନିତି ଆୟୋଗ ବୈଠକରେ ଅଧିକାଂଶ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳର ମୁଖ୍ୟମନ୍ତ୍ରୀ ଏବଂ ଉପରାଜ୍ୟପାଳମାନେ ଯୋଗ ଦେଇଥିଲେ। କିନ୍ତୁ ବୈଠକକୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, କେରଳ ମୁଖ୍ୟମନ୍ତ୍ରୀ ପିରାଇ ବିଜୟନ ଯୋଗ ଦେଇନଥିଲେ। କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ବୈଠକରେ ଯୋଗ ଦେଇନଥିଲେ ବି ନିଜର ବାର୍ତ୍ତା ପଠାଇଥିଲେ। ମୋଟ ଉପରେ କହିଲେ ବୈଠକରେ ତିନିଟି ପ୍ରମୁଖ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଅନୁପସ୍ଥିତ ଥିଲେ। ଏହାର କାରଣ କ'ଣ ଜଣାନାହିଁ। ସମ୍ଭବତଃ ରାଜନୈତିକ ମତପାର୍ଥକ୍ୟ ଯୋଗୁ ସେମାନେ ବୈଠକରେ ଯୋଗ ଦେଇନଥିଲେ। ଅତୀତରେ ମଧ୍ୟ ଅନେକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ମମତା ଏବଂ ପିନରାଇ ବିଜୟନ ଅନୁପସ୍ଥିତ ରହିଥିବାର ନଜିର ରହିଛି। ଏହା କଦାପି ସ୍ୱଗତଯୋଗ୍ୟ ନୁହେଁ। ରାଜନୀତି ଅଲଗା, ଦେଶର ବିକାଶ ଏବଂ ଶାସନ ଅଲଗା। ନିର୍ବାଚନ ବେଳେ ରାଜନୈତିକ ଦଳମାନେ ପରିସ୍ଥର ବିରୋଧରେ ଆରୋପ-ପ୍ରତ୍ୟାରୋପ କରନ୍ତି। ଅନ୍ୟର ଦୋଷ ଦୁର୍ବଳତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରନ୍ତି। କିନ୍ତୁ ନିର୍ବାଚନ ପରେ ଜନମତ ଆଧାରରେ ବିଜୟୀ ଦଳ ସରକାର ଗଠନ କରନ୍ତି। ବିରୋଧୀ ଦଳର କିଛି ନେତା ମଧ୍ୟ ସଂସଦ ବା ବିଧାନସଭାକୁ ନିର୍ବାଚିତ ହୋଇ ବିରୋଧୀ ଆସନରେ ବସନ୍ତି। ସଂସଦ ବା ବିଧାନସଭାରେ ସେ ବିତର୍କ ମାଧ୍ୟମରେ ସରକାରଙ୍କ ଦୋଷ ଦୁର୍ବଳତାକୁ ଦେଖାନ୍ତି। କିନ୍ତୁ ଦେଶ ବା ରାରଜ୍ୟର ବିକାଶ ସହିତ କେହି ସାଲିସ କରିବା ଅନୁଚିତ। ଦେଶର ସୁରକ୍ଷା ଏବଂ ବିକାଶ ନିମନ୍ତେ ସମସ୍ତେ ଏକାଠି ହୋଇ କମାକ କରିବା ଉଚିତ। ଭାରତର କିନ୍ତୁ ଏହାର ବ୍ୟତିକ୍ରମ ଦେଖାଯାଉଛି। ଅନେକ ସମୟରେ ବିରୋଧୀ ଦଳର କାର୍ଯ୍ୟକଳାପ ବିକାଶ ବିରୋଧୀ ହୋଇଥାଏ। ଯଦି ବିକାଶ ମୂଳକ କାମରେ କିଛି ତ୍ରୁଟି ପରିଲକ୍ଷିତ ହୋଇଥାଏ ତେବେ ଏହାକୁ ଦେଖାଇବା ବିରୋଧୀ ଦଳର ଦାୟିତ୍ୱ। ଶାସକ ଦଳର ନେତାମାନେ ଏ କ୍ଷେତ୍ରରେ ନିଜର ମତ ସ୍ୱାଧୀନ ଭାବେ ଉପସ୍ଥାପନ କରିବା ଉଚିତ। କିନ୍ତୁ ଭଲ କାମକୁ ବିରୋଧୀ ଉତ୍ସାହିତ କରିବା ଉଚିତ। ପ୍ରଧାନମନ୍ତ୍ରୀ ଯାହା କହିଛନ୍ତି , ବିକାଶ ମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ହେଲେ କେନ୍ଦ୍ର-ରାଜ୍ୟ ଏକାଠି ହେବା ଉଚିତ। ଅର୍ଥାତ ରାଜ୍ୟରେ ବିରୋଧୀ ଦଳର ସରକାର ଥିଲେ ମଧ୍ୟ ସେମାନେ ଦେଶର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ପରସ୍ପର ସହ ହାତ ମିଳାଇବା ଉଚିତ। ଏଥିରେ କେବଳ ରାଜ୍ୟ ନୁହେଁ, କେନ୍ଦ୍ର ସରକାରଙ୍କର ମଧ୍ୟ ଦାୟିତ୍ୱ ରହିଛି। ଗୋଟିଏ ହାତରେ ତାଳି ବାଜେନି। ଦେଶର ବିକାଶ ନିମନ୍ତେ ଦୁଇ ହାତ ଅର୍ଥାତ କେନ୍ଦ୍ର ଏବଂ ରାଜ୍ୟ ଏକାଠି ହେବା ଉଚିତ।

ଆମ ଓଡ଼ିଆ ଫିଲ୍ମ

॥ ଗୁରୁପଦ ନାଥ ॥

ନିକଟରେ ଏ ନେଇ କିଛି କଳାକାରଙ୍କୁ ସାକ୍ଷା କରିଥିଲି । ସେମାନେ ଯାହା କହିଲେ ଚିନ୍ତାର ବିଷୟ । ନୂତନ କଳାକାରଙ୍କ ଟ୍ୟାଲେ କୁ ପ୍ରଶଂସା କରିଥିଲେ , ମାତ୍ର ନିର୍ଦ୍ଦେଶକ ଓ ପ୍ରଯୋଜକଙ୍କୁ ଦାୟୀ କରିଛନ୍ତି । ଯେଉଁମାନେ ଗୋଟିଏ ସିନେମାର ମୁଖ୍ୟ ପୁରୋଧା । ଯେଉଁ କଳାକାରଟିଏ ଅଭିନୟ ଲାଗି ଅ।ସୁଛି ମାତ୍ର ୩ରୁ ୪ଟି ଫିଲ୍ମ ପରେ ସେ ଅଭିନୟ ଛାଡ଼ି ରାଜନୀତିରେ ପଶୁଛି । ରୂପେଲି ପରଦାରେ ପରୀକ୍ଷା ଦେବା ଛାଡ଼ି ଗାଁ ମେଦାନରେ ଯାଇ ଭାଷଣ ଦେଉଛି । ଏଥିରେ କାହାର କ'ଣ କ୍ଷତି ଲାଭ ହେଉଛି ସେ ହିଁ ବିଚର କରିବେ କିନ୍ତୁ ଅ।ମ ଇଣ୍ଡଷ୍ଟ୍ରି ବୁଡ଼ି ଯାଉଛି ।

ଦୀର୍ଘ ୮୬ବର୍ଷରେ ପାଦ ଥାପି ଚଲିଛି ଆମ ଓଡ଼ିଆ ଫିଲ୍ମ। ଆଉ ୧୪ବର୍ଷ ପରେ ସେ ତାର ଶତ ବାର୍ଷିକ ପାଳନ କରିବ। ମନେ ପକାଇବ ତା'ର ସମୃଦ୍ଧ ଇତିହାସକୁ । ଏହି ଯାତ୍ରା ସେତେଟା ସହଜ ନ ଥିଲା। ପଛକୁ ଅନାଇଲେ ଯେତିକି କଣ୍ଟକିତ ଦେଖାଯାଉଛି ସେତିକି ରଙ୍ଗୀନ ମଧ୍ୟ ରହିଛି । ୧୯୩୬ ମସିହା ୨୮ତାରିଖରେ ସୀତା ବିବାହରୁ ଅ।ରମ୍ଭ ହୋଇଥିଲା ଏହି ସ୍ୱର୍ଣ୍ଣିମ ଯାତ୍ରା । ମାତ୍ର ଏବେ ଏହି ଯାତ୍ରାରେ କାହାର ଯେପରି ନଜର ଲାଗିଯାଇଛି । ସମସ୍ତେ ବ୍ୟସ୍ତ ଦୋଷ ଦେବା ଲାଗି । ଦର୍ଶକ ନିର୍ଦ୍ଦେଶକଙ୍କୁ ଅ।ଉ ନିର୍ଦ୍ଦେଶକ ଦର୍ଶକଙ୍କୁ କଥା ରହିଲା ପ୍ରଯୋଜକ ସେ ସବୁ ଦେଖି ନିରୁପାୟ ।

ଫିଲ୍ମ ଅ।ସୁଛି ମାତ୍ର ପୋଷ୍ଟରରେ ରହିଯାଉଛି । ବଡ଼ ତାରକା ହୋଟେଲରେ ପୋଷ୍ଟର ରିଲିଜ ହେଉଛି। କିନ୍ତୁ ତାହା ସେହି ଚରିକାନ୍ଦୁ ଓ ସୋସିଅ।ଲ ମିଡ଼ିଅ।ରେ ଗୋଟିଏ କିମ୍ବା ଦୁଇ ଦିନ ସୀମିତ ରହୁଛି । ତା'ପରେ କେହି କିଛି ଜାଣିପାରୁନାହାନ୍ତି । କରୋନା ପରେ ତ ହଲ୍ କଥା ନ କହିବା ଭଲ । ଯେତିକି ହଲ୍ ଥିଲା ତାହା ମଧ୍ୟରୁ କିଛି ବନ୍ଦ ହେବାକୁ ବସିଲାଣି । ଗୁଗୁଲରେ ସର୍ଚ୍ଚ କଲେ ତାହା ନଂ ୮୧ରେ ଅଛି । କିନ୍ତୁ ସେଥିରୁ ଅନେକ ମଧ୍ୟ ଏବେ ବନ୍ଦ ହେବାକୁ ବସିଲାଣି। ତଥାପି ଅ।ମେ ଅ।ମ ପ୍ରବୃତ୍ତି ଛାଡୁନାହୁଁ । ଅଭିଯୋଗର ଲମ୍ବା ଫର୍ଦ୍ଦ ଧରି ଅ।ମେ ବସିଛୁ ସିନା ପ୍ରତିକାରର ସୂତ୍ର ବାହାର କରୁନାହୁଁ । ଯାହାଙ୍କୁ ପଚାରିଲେ ସେ କହୁଛନ୍ତି ଅ।ମ ଓଡ଼ିଅ। ଫିଲ୍ମ ଚଲୁନି। ବେଶି ଟିକେ ପଚାରିଲେ କୁହନ୍ତି ଭଲ କାହାଣୀ ଅ।ସୁନାହିଁ। କେହି ପ୍ରଯୋଜକ ରିସ୍କ ନେବାକୁ ଚହୁଁ ନାହାନ୍ତି ଏଭଳି କିଛି ଉତ୍ତର ଅ।ସୁଛି । ଯାହା ଅ।ଜି ପ୍ରତିଟି ସିନେପ୍ରେମୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି ।

କଳାକାରମାନଙ୍କ କଥା ତ ଦାଣ୍ଡରେ ପଡ଼ି ହାଟରେ ଗଡୁଛି। ଅ।ମ ଫିଲ୍ମ ନ ଚଲୁ ପଛେ କିନ୍ତୁ ଅ।ମ ଷ୍ଟାରମାନଙ୍କର ଘରୋଇ ବିବାଦ ଏବେ ସୋସିଅ।ଲ ମିଡ଼ିଅ।ରେ ଭଲ ମାଇଲେଜ ନେଉଛି। ଭିୟ୍ୟୁର୍ସ କ୍ଷେତ୍ରରେ ହେଉ କି କମେ। ୟ୍ୟୁଟ୍ୟୁବ୍ ଖୋଲିଲେ ଏବେ ଓଲିଉଡ଼ର ସ୍ୱର୍ଣ୍ଣିମ କାହାଣୀ ନୂହେଁ କଳଙ୍କର ଚେହେରା ଦେଖିବାକୁ ମିଳୁଛି। କିଛି ଅଭିନେତା ଅଭିନେତ୍ରୀ ଏହାକୁ ନେଇ ସ୍ୱର ମଧ୍ୟ ଉଠାଉଛନ୍ତି । ଯାହା ଏବେ ଓଡ଼ିଅ। ସିନେ ପ୍ରେମୀଙ୍କ ମନକୁ ଭାଙ୍ଗି ଦେଉଛି । ସେମାନେ ଏବେ ବଡ଼ ପରଦାରୁ ମୁହଁ ଫେରାଇ ଛୋଟ ପରଦା ଅ।ଡ଼କୁ ଯାଉଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଏବେ ହେଉଛି କି ପୂର୍ବ ଭଳି ବଡ଼ ପରଦାର ଅଭିନେତା ଅଭିନେତ୍ରୀ ଏବେ ଅ।ଉ ଲୋକପରିଚିତ ହୋଇପାରୁନାହାନ୍ତି । ଯାହା ଏବେ ମୁଖ୍ୟ ସମସ୍ୟା ହୋଇଗଲାଣି । ପୂର୍ବରୁ ଗାଁର ଘରେ ଘରେ ଅ।ମ ଅଭିନେତା ଅଭିନେତ୍ରୀମାନେ ପରିଚିତ ହେଉଥିଲେ।

ଯେତେବେଳେ ଇଣ୍ଟରନେଟର ଅଭାବ ଥିଲା । ମାତ୍ର ଏବେ ୫ଜି ଯୁଗରେ ମଧ୍ୟ ଅ।ମ କଳାକାରମାନେ ଲୋକମାନଙ୍କ ପାଖରେ ପହଞ୍ଚି ପାରୁନାହାନ୍ତି । ଯାହା ଏବେ ମୁଖ୍ୟ ପ୍ରସଙ୍ଗ ପାଲଟିଛି । କିନ୍ତୁ ଅ।ମ ଛୋଟ ପରଦାର କଳାକାରମାନେ ଏବେ ଘରେ ଘରେ ପରିଚିତ ଏଥିରେ ସନ୍ଦେହ ନାହିଁ।

ନିକଟରେ ଏ ନେଇ କିଛି କଳାକାରଙ୍କୁ ସାକ୍ଷା କରିଥିଲି । ସେମାନେ ଯାହା କହିଲେ ଚିନ୍ତାର ବିଷୟ। ନୂତନ କଳାକାରଙ୍କ ଟ୍ୟାଲେ କୁ ପ୍ରଶଂସା କରିଥିଲେ , ମାତ୍ର ନିର୍ଦ୍ଦେଶକ ଓ ପ୍ରଯୋଜକଙ୍କୁ ଦାୟୀ କରିଛନ୍ତି । ଯେଉଁମାନେ ଗୋଟିଏ ସିନେମାର ମୁଖ୍ୟ ପୁରୋଧା । ଯେଉଁ କଳାକାରଟିଏ ଅଭିନୟ ଲାଗି ଅ।ସୁଛି ମାତ୍ର ୩ରୁ ୪ଟି ଫିଲ୍ମ ପରେ ସେ ଅଭିନୟ ଛାଡ଼ି ରାଜନୀତିରେ ପଶୁଛି । ରୂପେଲି ପରଦାରେ ପରୀକ୍ଷା ଦେବା ଛାଡ଼ି ଗାଁ ମେଦାନରେ ଯାଇ ଭାଷଣ ଦେଉଛି । ଏଥିରେ କାହାର କ'ଣ କ୍ଷତି ଲାଭ ହେଉଛି ସେ ହିଁ ବିଚର କରିବେ କିନ୍ତୁ ଅ।ମ ଇଣ୍ଡଷ୍ଟ୍ରି ବୁଡ଼ି ଯାଉଛି । କେହି କେହି କୋହ ଭରା କଣ୍ଠରେ ମଧ୍ୟ କହିଛନ୍ତି। ଦୁଃଖ ଲାଗୁଛି ଭଲ କାହାଣୀ ଅ।ସୁନାହିଁ। ଯାହାବି ହେଉଛି ପ୍ରଯୋଜକ ରିସ୍କ ନେବାକୁ ଚହୁଁ ନାହାନ୍ତି । ଫଳରେ କମ୍ ବଜେଟରେ ଫିଲ୍ମ କରି ଛୋଟ ପରଦାରେ ହେଉ କି ଓଟିଟି ଫର୍ମାଟରେ ବିକ୍ରି କରିବାକୁ ପସନ୍ଦ କରୁଛନ୍ତି । ଯାହା ଏବେ ସମସ୍ତଙ୍କୁ ସୁହାଉଛି ୟ ମାତ୍ର ଭୁଲି ଯାଉଛନ୍ତି କି ବଡ଼ ପରଦା ବୋଲି ଗୋଟିଏ ଅଛି ।

କରୋନା ପରେ ଯଦି ଦେଖିବା ଅନ୍ୟ ଆଞ୍ଚଳିକ ଫିଲ୍ମ ଗୁଡ଼ିକ ଅ।ମ ରାଜ୍ୟରେ ବେଶ ଭଲ ରୋଜଗାର କରି ଯାଇଛନ୍ତି । କିନ୍ତୁ ଅ।ମେ ସେହି ପରଦା ସେହି ଦର୍ଶକ ହେଲେ ପସନ୍ଦର ଖୋରାକ ଯୋଗାଇବା ଲାଗି ସମର୍ଥ ହୋଇପାରୁନାହାନ୍ତି । ଯାହା ଏବେ ବେଶି ଚିନ୍ତା ପାଲଟିଛି । ଗତ କିଛି ଦିନ ତଳେ ୬୮ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ୨୦୨୦ଘୋଷଣା କରାଯାଇଛି । ମାତ୍ର ଏଥିରେ ଅ।ମ ଓଡ଼ିଅ। ସିନେମାର ନାଁ ନାହିଁ । ଯାହାକୁ ନେଇ ଅ।ମେ ଦୁଃଖ କରିବା ନା ବିବାଦ ଭିତରେ ଅଭିଯୋଗର ଲମ୍ବା ଫର୍ଦ୍ଦ ନେଇ ପୁଣି ଅ।ଗକୁ ମାଡ଼ି ଚଲିବା ।

ଏହି ତମାମ ବିଷୟ ଲେଖିବା ପୂର୍ବରୁ ଜାଣିବାକୁ ପାଇଲି କି ଅ।ମ ଫିଲ୍ମ ମଧ୍ୟ ଚଲିପାରିବ । ଅ।ମକୁ ତ୍ରୁଟି ସୁଧାରି ଅ।ଗକୁ ଯିବାକୁ ପଡ଼ିବ। କାହିଁକି ନା ଗତ କିଛି ଦିନ ତଳେ ଏକ ଫିଲ୍ମ ହଲ୍ ନିକଟରେ ଜଣେ ବନ୍ଧୁ ଦେଖାହେଲେ, ମୁଁ ପଚାରିଲି ଏଠି କ'ଣ। ସେ କହିଲେ ଫିଲ୍ମ ଦେଖିବାକୁ ଅ।ସିଛି । ମୁଁ କହିଲି ମାତ୍ର ଏତେବେଳୁ ସମୟ ତ ଅ।ହୁରି ୧.୧୫ମିନଟ ବାକି ଅଛି । ସେ କହିଲେ ଚଳିବ ଫିଲ୍ମର ଟିକେଟ ବି ମିଳିବା ଦରକାର। ମୋ ମନରେ ଏଭଳି ଉତ୍ତର ଅ।ନ୍ଦୋଳିତ କରିଥିଲା। ଏପରି ବି ନଜିର ଅ।ସିଥିଲା ପୂର୍ବରୁ ଗତ କିଛି ମାସ ହେବ ରାଜ୍ୟରେ ଅନ୍ୟ ଆଞ୍ଚଳିକ ଫିଲ୍ମ ପଡ଼ିଥିବାବେଳେ ଦର୍ଶକମାନଙ୍କ ଉତ୍ସୁକତା ଦେଖି ୨୪ଘଣ୍ଟା ଖୋଲା ରହିଥିଲା ଫିଲ୍ମ ହଲ। ତେବେ ମନରେ ପ୍ରଶ୍ନ ଉଠୁଛି ଆମ ମାଟିର ମହକୁ ଥିବା କାହାଣୀକୁ ନେଇ ପ୍ରସ୍ତୁତ ହୋଇଥିବା ଫିଲ୍ମ ଦେଖିବା ଲାଗି ଆଉ କେତ ଦିନ ଅପେକ୍ଷା କରିବେ ଓଡ଼ିଅ। ସିନେପ୍ରେମୀ।

ମୋ.୮୯୦୮୮୩୪୭୩୪

ହେଳା, ଭେଳା, ଅବହେଳା

॥ ଶ୍ୟାମ ସୁନ୍ଦର ସାମଲ ॥

ହେଳାରୁ ବା ଭେଳା ବୁଡ଼େ ବୋଲି ଏକ ଲୋକକଥା ଅଛି। ହେଲେ ଅବହେଳା ଆଉ ଏକ ଅକ୍ଷମଣୀୟ ଗୁରୁତ୍ୱପୂର୍ଣ୍ଣ ଦିଗ। ଅବହେଳା ମଣିଷର ଚରିତ୍ର ଦୃଷ୍ଟିକୋଣରୁ ହୋଇପାରେ, ଆଦର୍ଶ, ବୃତ୍ତିଗତ, ଚିନ୍ତନ, ଆଧ୍ୟାତ୍ମିକ, ଆର୍ଥିକ ବି ହୋଇପାରେ। ତେବେ ଅବହେଳା ଗୁରୁତର ହେଲେ ଏହା ମାନବୀୟ ଜୀବନରେ ବଡ଼ ଦୁଃଖର ଓ ଅବଶୋଷର କାରଣ ପାଲଟେ। କିଛିଦିନ ତଳେ ଗଣମାଧ୍ୟମରେ କାର୍ଯ୍ୟ କରୁଥିବା ଅନୁଜ ପ୍ରତୀମ ଶ୍ରଦ୍ଧେୟ ସୁଶାନ୍ତକୁ ନେଇ ତାର ଚକ୍ଷୁ ସମ୍ବନ୍ଧୀୟ ସ୍ୱାସ୍ଥ୍ୟ ଅସୁବିଧା ପାଇଁ ଓଡ଼ିଶାର ବିଶିଷ୍ଟ ଯୁବ ଚକ୍ଷୁ ରୋଗ ବିଶେଷଜ୍ଞ ଡାକ୍ତର ଅନୁରାଗ ମିଶ୍ରଙ୍କ ପାଖକୁ ନେଇଥିଲି। ଅନୁରାଗ ମିଶ୍ର କଟକ କାଠଯୋଡ଼ି ରିଙ୍ଗରୋଡ଼ ରାଧାରମଣ ଚକ୍ଷୁ ହସ୍ପିଟାଲ ଓ ରିସର୍ଚ୍ଚ ଇନଷ୍ଟିଚ୍ୟୁଟରେ ରୋଗୀ ସେବା କରୁଛନ୍ତି।

ଅନୁଜ ସୁଶାନ୍ତର ପରିଚୟ ଗଣମାଧ୍ୟମରେ ପରିଚିତି ଓ କାର୍ଯ୍ୟ ଦକ୍ଷତା ଶୁଣିବା ପରେ ସେ ବଡ଼ ବିଶାଦ ଭରା କଣ୍ଠରେ କହିଲେ ଆମେ ଅବହେଳା ସମ୍ପର୍କରେ ବିଭିନ୍ନ କଥା ଶୁଣୁଛୁ। ପ୍ରଶାସନର ଅବହେଳା, ଡାକ୍ତରର ଅବହେଳା, ପୋଲିସର ଅବହେଳା, ଅଭିଭାବକଙ୍କ ଅବହେଳା ସବୁଠି ଅବହେଳାର ଚିତ୍ର ଓ ଚରିତ୍ର ଛତୁ ଫୁଟୁଥିବାବେଳେ ଜଣେ ଅନୁଭବୀ, କାର୍ଯ୍ୟଦକ୍ଷ ଓ ଲୋକପ୍ରିୟ ଯୁବ ବ୍ୟକ୍ତିତ୍ୱ ହୋଇ ବି ଶରୀରର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଚକ୍ଷୁର ଅବହେଳାକୁ ନେଇ ସେ ଦିନ ଅନୁରାଗ ବାବୁ ବହୁତ ଦୁଃଖିତ ହୋଇପଡ଼ିଲେ। ଓଡ଼ିଶାର ସମସ୍ତ ଛପା ଗଣମାଧ୍ୟମରେ କାର୍ଯ୍ୟ କରୁଥିବା ଏପରି ଜଣେ ଯୁବ ବ୍ୟକ୍ତିତ୍ୱ ଯିଏ କି ତାଙ୍କ ଘରୋଇ ପାଠାଗାରରେ ଅଧକୋଟି ଟଙ୍କାର ଦୁର୍ଲ୍ଲଭ, ଉପାଦେୟ ଓ ମୂଲ୍ୟବାନ ପୁସ୍ତକ ରଖିଛନ୍ତି। ଏହା ସହ ପ୍ରତିଦିନ ଓଡ଼ିଶାର ସମସ୍ତ ଛପା ଖବରକାଗଜ କିଣନ୍ତି ଓ ପଢ଼ନ୍ତି କିନ୍ତୁ ଦୀର୍ଘ ଦିନ ଧରି ଚକ୍ଷୁ ସମସ୍ୟା ଅନୁଭବ କରି ତାଙ୍କର ଅନେକ ପରିଚିତ ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତର ବନ୍ଧୁଥାଇ ମଧ୍ୟ ସେ ନିଜ ଚକ୍ଷୁ ପରୀକ୍ଷା ନକରି ତାର ସହାୟକ ଶ୍ରଦ୍ଧେୟ ଶ୍ରୀକାନ୍ତ ଠାରୁ ପାଇଥିବା ଏକ ଲେନ୍ସରେ ସେ ଲେଖାପଢ଼ା କରୁଛନ୍ତି।

ଲେନ୍ସରେ ଦୀର୍ଘ ଦିନ ଧରି ପଢ଼ାପଢ଼ି କରିବା ଆଖିକୁ ପ୍ରତିକୂଳ ସ୍ୱାସ୍ଥ୍ୟ ସମସ୍ୟା ଭିତରକୁ ଠେଲି ଦେବା ସହ ଦୃଷ୍ଟିଶକ୍ତି ମଧ୍ୟ କମାଇ ଦେଇଛି। ଯାହାଫଳରେ ସୁଶାନ୍ତ ପ୍ରଥମ ଥର ପାଇଁ ଚଷମା ବ୍ୟବହାର କରିବା ପାଇଁ ବାଧ ହେଲା। ଅନୁରାଗ ବାବୁଙ୍କ ଯନ୍ତ୍ରଣାସିକ୍ତ କଥାଟି ଥିଲା ଯେ ଆମ ଗହଣରେ ଏପରି ଅନେକ ବ୍ୟକ୍ତିତ୍ୱ ରହିଛନ୍ତି ଯେଉଁମାନେ ଅତ୍ୟନ୍ତ ଗୁଣୀ ଜ୍ଞାନୀ ଓ ସଚେତନ ମଧ୍ୟ ଏହା ସହ ଆର୍ଥିକ କ୍ଷେତ୍ରରେ ସେମାନେ ମଧ୍ୟ ସ୍ୱଚ୍ଛଳ। କିନ୍ତୁ ସାମାନ୍ୟ ଅବହେଳା ପାଇଁ ସେମାନେ ନିଜର ମୂଲ୍ୟବାନ ସମୟ ଓ ସମ୍ପତ୍ତିକୁ ଏକ ପ୍ରକାର ନଷ୍ଟ କରିଦେଇଥାନ୍ତି।

ଚକ୍ଷୁ ଆମ ଶରୀର ସ୍ୱାସ୍ଥ୍ୟର ଅମୂଲ୍ୟ ଓ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ସମ୍ପତ୍ତି। ତେବେ ଏ ଅବହେଳା କ'ଣ ପାଇଁ ହେଲା ? ବ୍ୟସ୍ତତା, ଭାବପ୍ରବଣତା ନାଁ ଆଉ କିଛି ? ସୁଶାନ୍ତର ବୟସ ସେତେ ବେଶି ନୁହେଁ। ଜଣେ ଯୁବ ଓ କର୍ମଦକ୍ଷ ସାମ୍ବାଦିକ ଭାବେ ସେ ସୁପରିଚିତ। ବଡ଼କଥା ହେଉଛି ସ୍ୱାସ୍ଥ୍ୟ ବିଭାଗର ପ୍ରତିଟି ବିଭାଗରେ ଓଡ଼ିଶାରେ ବେଶ ନାଁ କମାଇଥିବା ପ୍ରଫେସର ଓ ଡାକ୍ତରମାନେ ତାର ଅତ୍ୟନ୍ତ ଘନିଷ୍ଠ ବନ୍ଧୁ। ତା ସତ୍ତ୍ୱେ ସେ ଏତେ ଅବହେଳା କରି ନିଜର ଯେଉଁ କ୍ଷତି କରିଦେଲା ତାହା ମୋତେ ଅତ୍ୟନ୍ତ ଦୁଃଖିତ କରିଦେଲା। ଡାକ୍ତର ଅନୁରାଗ ବାବୁଙ୍କ ବାପା ସ୍ୱର୍ଗତଃ ପ୍ରଫେସର ଡାକ୍ତର ବ୍ରଜ ସୁନ୍ଦର ମିଶ୍ର ଓଡ଼ିଶାରେ ଜଣେ କେବଳ ଓଡ଼ିଶାରେ ନୁହେଁ ସମଗ୍ର ଭାରତରେ ପ୍ରଥିତଯଶା ଚକ୍ଷୁ ରୋଗ ବିଶେଷଜ୍ଞ।

୧୯୮୦-୯୦ ମସିହା ଭିତରେ ତତ୍କାଳୀନ ସମୟରେ ଓଡ଼ିଶାର ଶ୍ରୀସତ୍ୟସାଇ ସେବା ସଙ୍ଗଠନର ଗ୍ରାମାଞ୍ଚଳରେ ଯେତେ ସବୁ ମାଗଣା ମୋତିଆ ବିନ୍ଦୁ ଅସ୍ତ୍ରୋପଚାର ଶିବିର ହେଉଥିଲା ତାହାର ଅନ୍ୟତମ ପୁରୋଧା ଥିଲେ ଡାକ୍ତର ବ୍ରଜ ସୁନ୍ଦର ମିଶ୍ର। ଓଡ଼ିଶାର ଅଗମ୍ୟ ଗ୍ରାମାଞ୍ଚଳକୁ ନିଃସ୍ୱାର୍ଥପର ଭାବରେ ଅନେକ କ୍ଷେତ୍ରରେ ନିଜେ ହାତରୁ ପଇସା ଖର୍ଚ୍ଚ କରି ଗରିବ ଲୋକମାନଙ୍କ ମାଗଣା ମୋତିଆ ବିନ୍ଦୁ ଅସ୍ତ୍ରୋପଚାର କରୁଥିଲେ। ତାଙ୍କ ପରଲୋକ ସମୟରେ ଓଡ଼ିଶାର ବିଶିଷ୍ଟ ଇଏନଟି ବିଶେଷଜ୍ଞ ପ୍ରଫେସର ଡାକ୍ତର ଦୟାନିଧି ଦାସ ଏହି ସୁଶାନ୍ତ ମାଧ୍ୟମରେ ଓଡ଼ିଶାର ସମସ୍ତ ଗଣମାଧ୍ୟମରେ ଖବର ଓ ଲେଖା ପ୍ରକାଶ କରାଇଥିଲା। ସେତେବେଳେ ଡାକ୍ତର ଅନୁରାଗ ମିଶ୍ରଙ୍କ ସଂସ୍ପର୍ଶରେ ସେ ଆସିନଥିଲେ। ରାଧାରମଣ ଚକ୍ଷୁ ହସ୍ପିଟାଲ ଓଡ଼ିଶାର ଏକ ପ୍ରମୁଖ ଚକ୍ଷୁ ରୋଗ ଗବେଷଣା ଓ ସେବା ପ୍ରତିଷ୍ଠାନ। ଅସହାୟ, ଗରିବ ଲୋକମାନଙ୍କ ପାଇଁ କିଛି ସ୍ୱତନ୍ତ୍ର ସେବା ବ୍ୟବସ୍ଥା ମଧ୍ୟ ରହିଛି। ଏଠାରେ କାର୍ଯ୍ୟରତ ଉତ୍ସର୍ଗୀକୃତ ସେବା ମନୋଭାବର ପାଖାପାଖି ତିରିଶରୁ ଉର୍ଦ୍ଧ୍ୱ କର୍ମଚାରୀଙ୍କ କର୍ମ ସଂସ୍ଥାନର ଦାୟିତ୍ୱ ଅନୁରାଗ ବାବୁଙ୍କ ଉପରେ। ବଡ଼କଥା ହେଉଛି ସେହି ଡାକ୍ତରଖାନାର ପରିଚାଳକ ସୁଧୀର କୁମାର ଛାଟୋଇ, ଦେବୀ ପ୍ରସାଦ ସାହୁ, ପ୍ରଦୀପ କୁମାର ପ୍ରଧାନ, ପିଆଲି ଦାସ, ପ୍ରିୟଙ୍କା ଦାସ, ଓଟି ସହାୟିକା ସ୍ୱରୂପା ଦାସ, ସସ୍ମିତା ମୁଖୀ, କ୍ରୀଷ୍ଣାପାଲ ଓ ଅନ୍ୟ ପ୍ରମୁଖ କର୍ମକର୍ତ୍ତା ଓ ସେବାକାରୀଙ୍କ ଉତ୍ସର

ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା

ଶୁକ୍ରବାର, ୨୪ ଅକ୍ଟୋବର, ୨୦୨୫

ବାଇକ ସହିତ ବାଇକ ମୁହାଁମୁହିଁ ଧକ୍କା ଜଣେ ଗୁରୁତର

କରଞ୍ଜିଆ, (ମହାଭାରତ) : ଠାକୁରମୁଣ୍ଡା ଠାରୁ ମାତ୍ର ୧ କିମି ଦୂର ଠାକୁରମୁଣ୍ଡା-ଆନନ୍ଦପୁର ରାସ୍ତା ର କଣ୍ଟାମଲ୍ଲି ନାଳ ପୋଲ ନିକଟରେ ଗୁରବାର ସନ୍ଧ୍ୟାରେ ବାଇକ ସହିତ ଏକ ବୁଲେଟର ମୁହାଁମୁହିଁ ଧକ୍କା ହେବାରୁ ଜଣେ ବାଇକ ଚାଳକ ଗୁରୁତର ହୋଇଛନ୍ତି ।ଗୁରୁତର ବାଇକ ଚାଳକ ଜଣକ ହେଉଛନ୍ତି ତରାମରା ଗ୍ରାମପାୟତ ଅନ୍ତର୍ଗତ ଡକେଇପାଳ ଗ୍ରାମର ଧନେଶ୍ୱର ନାଏକଙ୍କ ପୁଅ ଗୌତମ ବୋଲି ଜଣା ପଡ଼ିଛି । ଦୁର୍ଘଟଣା ପରେ ତାଙ୍କୁ ଘଟଣାସ୍ଥଳ ରୁ ଉଦ୍ଧାର କରି ଚିକିତ୍ସା ପାଇଁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରାଯାଇଥିଲା ।ପରେ ତାଙ୍କର ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଚିକିତ୍ସା ପାଇଁ କଟକ ବଡ ମେଡ଼ିକାଲ କୁ ସ୍ଥାନାନ୍ତର କରାଯାଇଛି ।ଗୌତମ ଓ ବ୍ରଜମୋହନ ଏକ ବାଇକ ଯୋଗେ ଠାକୁରମୁଣ୍ଡା ଆସୁଥିବା ବେଳେ ଠାକୁରମୁଣ୍ଡାରୁ ବୁଲେଟ ଯୋଗେ ଯାଉଥିବା ରିତିକ ରାମ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା । ଗୌତମ ର ମୁହଁ, ଛାତି ରେ ଆଘାତ ଲାଗିଥିବା ବେଳେ ତାଙ୍କର ବାମ ଗୋଡ ଭାଙ୍ଗି ଯାଇଥିବାର ଜଣା ପଡିଛି ।

୧୧କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଯୁବକ ଗୁରୁତର

ହିନ୍ଦୋଳ, (ମହାଭାରତ): ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡ ହିନ୍ଦୋଳ ଏନଏସି ଅଞ୍ଚଳରେ ୧୧କେଭି ତାର ସଂସ୍ପର୍ଶରେ ଆସି ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି । ଖବରରୁ ପ୍ରକାଶ ହିନ୍ଦୋଳ ଏନଏସି ୱାର୍ଡନଂ ୩୩ ଚମ୍ପତିସାହି ବାସି ଡ଼ମ୍ବୁରୁ ଗଡ଼ନାୟକ ଙ୍କ ପୁଅ ବିପ୍ର ଗଡ଼ନାୟକ (୪୦) ଜଣେ ରାଜମିସ୍ତ୍ରୀ ଏବଂ ଆଜି ସକାଳେ ମିସ୍ତ୍ରୀ କାମ କରୁଥିବା ବେଳେ ରଡ଼ ବନ୍ଧୁଥିଲେ ମାତ୍ର ଘର ନିକଟକୁ ଲାଗି ଯାଇଥିବା ୧୧କେଭି ବିଦ୍ୟୁତତାର ସଂସ୍ପର୍ଶ ରେ ରଡ଼ ଲାଗିଯିବାରୁ ବିପ୍ର ଙ୍କୁ ଖୁବ ଜୋରରେ କରେଣ୍ଟ ମାରିଥିଲା ଫଳରେ ହାତଗୋଡ଼ ପୋଡିଯିବା ସହ ଶରୀରରେ ଆଘାତ ଲାଗି ସେ ଗୁରୁତର ଆହତ ହୋଇଥିଲେ, ପରିବାର ଲୋକ ଓ ଗ୍ରାମବାସୀ ତାଙ୍କୁ ତୁରନ୍ତ ହିନ୍ଦୋଳ ଡାକ୍ତରଖାନା ନେଇଥିଲେ ମାତ୍ର ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ପାଇଁ ଡାକ୍ତର ବିପ୍ରଙ୍କୁ କଟକ ବଡ଼ ଡାକ୍ତରଖାନା ପଠାଇ ଦେଇଥିଲେ ତେବେ ବିପ୍ର ବର୍ତମାନ ଜୀବନ ମରଣ ସହ ସଂଘର୍ଷ କରୁଛନ୍ତି । ହିନ୍ଦୋଳ ରେ ବିଦ୍ୟୁତ ବିଭାଗର ଚରମ ଅବହେଳା ପାଇଁ ବାରମ୍ବାର ଦୈନିକ ବିଦ୍ୟୁତ କାଟ ହେବା ସହ ଯାଇଥିବା ୧୧କେଭି ତାର ଜନବସତିକୁ ଲାଗି ଯାଇଥିବାରୁ ବାରମ୍ବାର ଦୁର୍ଘଟଣା ଘଟି ଜୀବନ ହାନି ସହ ମଣିଷ ସହିତ ପଶୁପକ୍ଷୀ ଆହତ ହେଉଛନ୍ତି ମାତ୍ର ହିନ୍ଦୋଳ ବିଦ୍ୟୁତ ବିଭାଗ ର ବେପାବାୟ ନୀତି ଯାଉନାହିଁ କିମ୍ବା କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗୁ ନାହିଁ । ତେବେ ବିଦ୍ୟୁତ ବିଭାଗ ର ଅବହେଳା ପାଇଁ ନିରୀହ ଗରିବ ତଥା ପରିବାରର ଏକମାତ୍ର ରୋଜଗାରକ୍ଷମ ସଦସ୍ୟ ବିପ୍ର ଗଡ଼ନାୟକଙ୍କ ଜୀବନ ଆଜି ବାଜିରେ ଲାଗିଥିବା ଯୋଗୁଁ ତାଙ୍କୁ ତୁରନ୍ତ ଉପଯୁକ୍ତ କ୍ଷତିପୂରଣ ସହିତ ପରିବାର ପ୍ରତିପୋଷଣ ପାଇଁ ଥଇଥାନ ବ୍ୟବସ୍ଥା ବିଦ୍ୟୁତ ବିଭାଗ ତଥା ପ୍ରଶାସନ ପଦକ୍ଷେପ ନେବାକୁ ହିନ୍ଦୋଳ ଜନସାଧାରଣ ରାଜ୍ୟ ସରକାର ଙ୍କ ନିକଟରେ ଦାବି କରିଛନ୍ତି ଏବଂ ଅଘୋଷିତ ବିଦ୍ୟୁତ କାଟ ବନ୍ଦ କରିବାସହ ଜନସାଧାରଣଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଥିବା ପ୍ରାୟ ଅନେକ ସ୍ଥାନରେ ଉହଳି ପଡି ଥିବା ଏବଂ ଜନବସତି ମଧ୍ୟ ଦେଇ ଯାଇଥିବା ୧୧କେଭି ବିଦ୍ୟୁତ ତାରକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରଣ କରାଯିବାକୁ ଜନସାଧାରଣ ଦାବି କରିଛନ୍ତି ।

ବାଇକ୍ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର

ଗଣିଆ, (ମହାଭାରତ): ଗଣିଆ ବ୍ଲକ ଅନ୍ତର୍ଗତ କିଶୋର ପ୍ରସାଦ ପଂଚାୟତ ର ଇନ୍ଦିପଟକ୍ଷ ଗ୍ରାମ ନିକଟରେ ଗୁରୁବାର ଦିନ ଅପରାହ୍ନ ସମୟରେ ଏକ ବାଇକ୍ ଦୁର୍ଘଟଣା ରେ ଜଣେ ଯୁବକ ଗୁରୁତର ହୋଇଥିଲେ । ଆହତ ବ୍ୟକ୍ତି ଜଣକ ଛାଡମୂଳ ଗ୍ରମର ପ୍ରକାଶ କୁମାର ନାୟକ (୩୨) ବୋଲି ଜଣାପଡିଥିଲା । ବ୍ୟକ୍ତି ଜଣକ ଗଣିଆ ଅଭିମୁଖେ ବାଇକ୍ ରେ ନିଜ ଗ୍ରାମ କୁ ଫେରୁଥିବା ବେଳେ ନିଜେ ଚଳାଉଥିବା ବାଇକ୍‌ଟିକୁ ଭାରସାମ୍ୟ ହରାଇ ରାସ୍ତା ଉପରେ ଛିଟିକି ହୋଇ ପଡିଥିବା ବେଳେ ରାସ୍ତା ରେ ଯାତାୟତ କରୁଥିବା ଜନସାଧାରଣ ଏଭଳି ଦୁର୍ଘଟଣା ଦେଖିବା ପରେ ଆମ୍ବୁଲାନ୍ସକୁ କଲ କରିଥଲେ ମାତ୍ର ବହୁସମୟ ଅପେକ୍ଷା କରିବା ପରେ ଖବର ପାଇ ଗଣିଆ ଥାନା ଏ ଏସ ଆଇ ଦେବାଶିଷ ସେଠୀ ଘଟଣା ସ୍ଥଳରେ ପହଞ୍ଚି ଅଫିସ ଗାଡ଼ି ସହଯୋଗ ରେ ଆହତ ବ୍ୟକ୍ତିଙ୍କୁ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଆଣି ଭର୍ତ୍ତି କରିଥିଲେ। ଫଳରେ ବ୍ୟକ୍ତିଙ୍କ ଅସ୍ଥା ଗୁରୁତର ଅବସ୍ଥା ରହିଥିବାରୁ ତାଙ୍କୁ ନୟଗଡ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କହିଥିଲେ । ମୋଟର ସାଇକେଲ ଟିକୁ ଜବତ କରି ଥାନାରେ ରଖାଯାଇଛି ।

ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଫେଲ

ନୂଆପଡା, (ମହାଭାରତ) : ନୂଆପଡା ସ୍ଥିତ ଖୁଣ୍ଟିଆ ଭବନରେ ଆଜି କଂଗ୍ରେସ ଦଳ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି। ଏହି ସାମ୍ବାଦିକ ସମ୍ମିଳନୀ ରେ ରାଜ୍ୟ କଂଗ୍ରେସ ମିଡ଼ିଆ ସେଲ ପ୍ରଭାରି ଅରବିନ୍ଦ ଦାସ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଉପରେ କହିଥିଲେ ଯାହାକି ସମସ୍ତ ଯୋଜନା ଜନସାଧାରଣ ପାଇଁ ଏକ ପ୍ରହସନ ବୋଲି କହିଥିଲେ । ସୁଭଦ୍ରା ଯୋଜନା ଯାହାକି ମାଁ ମାନଙ୍କୁ ପଚାଶ ହଜାର ଟଙ୍କା ଦିଆଯିବ ବୋଲି ଡିଣ୍ଡିମ ପିଟୁଥିବା ସରକାର ଆଜି ମା ମାନଙ୍କୁ ପାଞ୍ଚ ବର୍ଷ ପାଇଁ କିସ୍ତି କିସ୍ତି କରି ପାଞ୍ଚ ହଜାର ଟଙ୍କା ଦେଉଛି । ଯାହାକି ମା ମାନଙ୍କୁ ଦୈନିକ ସେତେଇଶି ଟଙ୍କା ଚଉତିରିଶି ପଇସା ହିସାବରେ ପଡୁଛି ଯାହାକି ଦେଶର ମହିଳା ମାନଙ୍କ ପ୍ରତି ଏକ ଅପମାନ ସଦୃଶ ଏବଂ କୌଣସି ଏକୋଇଶି ବର୍ଷରୁ ଅଧିକ ହୋଇଥିବା ଛାତ୍ରୀ ଅଠର ହଜାର ରୁ ଅଧିକ ଷ୍ଟାଇପେଣ୍ଡ ପାଉଛନ୍ତି ତାହେଲେ ତାଙ୍କୁ ସୁଭଦ୍ରା ଯୋଜନାରୁ ବାଦ ଦେବାପାଇଁ ସରକାରଙ୍କ ନିର୍ଦେଶ ଅନୁଯାଇ ଆଇସିଡ଼ି ଲେଖା ଦେଇଥିବା ଦେଇଛନ୍ତି ବୋଲି କହିଛନ୍ତି । ଅପର ପକ୍ଷେ ନୂଆପଡା ବିଧାନସଭା କ୍ଷେତ୍ରରେ ପୁରୁଷ ଭୋଟର ୧.୨୨ ଲକ୍ଷ ଓ ମହିଳା ଭୋଟର ୧.୨୬ ଲକ୍ଷ ଥିଲା ହେଲେ ଶେଷ ମୁହୂର୍ତ୍ତରେ ଦୁଇ ହଜାର ପୁରୁଷ ଓ ତିନି ହଜାର ମହିଳା ଭୋଟର ଯାହାକି ପାଞ୍ଚ ହଜାର ନକଲି ଭୋଟ ଯୋଡ଼ା ଯାଇଛି ବୋଲି ଶ୍ରୀ ଦାସ କହିବା ସହ ଆଇନ ଯିବି ପୀତବାସ ପଣ୍ଡା ଙ୍କ ହତ୍ୟାର ସିବିଆଇ ଯାଞ୍ଚ କରାଯାଉ ବୋଲି କହିଥିଲେ କ୍ଷ ଏହି ସାମ୍ବାଦିକ ସମ୍ମିଳନୀ ରେ ବିଧାୟକ ପାର୍ଥ ଘାସିରାମ ମାଝୀ, ପିସିସି ସମ୍ପାଦକ ତୁଲେଶ୍ୱର ନାଏକ,ହାମ୍ପିତ ହୁସେନ, ରବି ମଙ୍ଗରାଜ, ସୁଧୀର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

ନୂଆପଡ଼ା ଆଦିବାସୀ ସମାଜ ଭବନରେ ଏକ ଆଦିବାସୀ ସମ୍ମିଳନୀ ଓ ମିଶ୍ରଣ ପର୍ବ

ନୂଆପଡା:(ମହାଭାରତ) ନୂଆପଡା ଟାନୱାଟ ସ୍ଥିତ ଆଦିବାସୀ ସମାଜ ଭବନରେ ଆଜି ବିଜେଡି ପକ୍ଷରୁ ଆଦିବାସୀ ସମ୍ମିଳନୀ ଏବଂ ସମ୍ବର୍ଦ୍ଧନା ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇ ଯାଇଛି କ୍ଷଏହି ସମ୍ମିଳନୀ ରେ ଅନେକ ଆଦିବାସୀ ସମୁଦାୟ ନେତା ଓ ଟାନୱାଟ ନିବାସୀ ଉପସ୍ଥିତ ଥିଲେ । ଏହି ଅବସରରେ ବିଜେପି ଓ କଂଗ୍ରେସ ଦଳର ଅନେକ ନେତା ଏବଂ କର୍ମୀମାନେ ବିଜୁ ଜନତା ଦଳରେ ଯୋଗଦେଇ ଶ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରିଥିଲେ । ସଭାରେ ଶ୍ରୀ ଦେବୀ ପ୍ରସାଦ ମିଶ୍ର କହିଥିଲେ, "ଶ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ଆଦିବାସୀ ଲୋକମାନଙ୍କର ଉନ୍ନତି ତଥା କଲ୍ୟାଣ ପାଇଁ ବହୁ ପଦକ୍ଷେପ ନିଆଯାଇଥିଲା । ଆଦିବାସୀ ସମୁଦାୟର ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା ଓ ସାମାଜିକ ନ୍ୟାୟକୁ ନବୀନ ପଟ୍ଟନାୟକ ସର୍ବାଧିକ ଗୁରୁତ୍ୱ ଦେଇ ଆସିଛନ୍ତି । ଏହି ଆଦିବାସୀ ସଭାରେ ଉଦ୍ବୋଧନ ଦେଇ ଶ୍ରୀମତୀ ଛୁରିଆ କହିଥିଲେ ଯେ ବର୍ତ୍ତମାନର ବିଜେପି ଶାସନକାଳରେ ଆଦିବାସୀ ମାନଙ୍କର ଅଧୋଗତି ଘଟିଛି । ଆଦିବାସୀମାନେ ଆଜି ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି । ଆଦିବାସୀ ହଷ୍ଟେଲରେ ଛାତ୍ରୀମାନେ ଗର୍ଭବତୀ ହେଉଥିବା ବେଳେ ନିର୍ଯାତନା, ବଳାତ୍କାର-ସମ୍ପର୍କିତ ଘଟଣା ବୃଦ୍ଧି ପାଇବାରେ ଲାଗିଛି, ଯାହା ଅତ୍ୟନ୍ତ ଚିନ୍ତାଜନକ । ଆଗାମୀ ଦିନରେ ମଧ୍ୟ ଆଦିବାସୀ ମାନଙ୍କ ସମ୍ମାନ, ସୁରକ୍ଷା ଓ ଅଧିକାର ପାଇଁ ବିଜେଡି ନିଜର ସଂଘର୍ଷ ଜାରି ରଖିବ । ଏହି ଅବସରରେ ଶ୍ରୀ ଦେବୀ ପ୍ରସାଦ ମିଶ୍ର, ଶ୍ରୀ ପ୍ରତାପ ଜେନା, ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ, ଶ୍ରୀ ନିରଞ୍ଜନ ବିଶି, ଶ୍ରୀ ମନୋହର ରନ୍ଧାରୀ, ଶ୍ରୀ ରମେଶ ମାଝୀ, ଶ୍ରୀ ରମେଶ ବେହେରା, ଶ୍ରୀ ଭାନୁ ପ୍ରତାପ ସିଂହ ମାଝୀ, ଶ୍ରୀ ବିହାରୀଲାଲ ବିଶ୍ୱାଳ, ଶ୍ରୀ ହରପ୍ରସାଦ ମାଝୀ, ଶ୍ରୀ ତେଜରାଜ ଶବର, ଶ୍ରୀ ଲିଲେଶ୍ୱର ମାଝୀ, ଶ୍ରୀ ପର୍ଶୁରାମ ମାଝୀ, ଶ୍ରୀ କପୁରଚନ୍ଦ ମାଝୀ, ଶ୍ରୀ ମାନିକ ମାଝୀ, ଶ୍ରୀ ହୀରାଲାଲ ମାଝୀ, ଶ୍ରୀ ଚଗନ ମାଝୀ ଓ ଶ୍ରୀ ତୀରଥ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ । ବିଜୁ ଜନତା ଦଳ ନୂଆପଡ଼ାର ସର୍ବାଙ୍ଗୀନ ଉନ୍ନତି ପାଇଁ ନିଜର ଦୃଢ଼ ସଂକଳ୍ପକୁ ଦୋହରାଇ ଜିଲ୍ଲାର ଭବିଷ୍ୟତ ଶ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରଗତିଶୀଳ ଶାସନ ଓ ଲୋକକଲ୍ୟାଣମୁଖୀ ଦୃଷ୍ଟିକୋଣରେ ଅନ୍ତର୍ନିହିତ ଅଛି ବୋଲି କହିଥିଲା । ଦଳ ନୂଆପଡ଼ାର ପ୍ରତ୍ୟେକ ବର୍ଗର ଲୋକଙ୍କ ଶାନ୍ତି, ସମୃଦ୍ଧି ଓ ବିକାଶ ପାଇଁ ଏକତାର ସହ ବିଜୁ ଜନତା ଦଳ ପଛରେ ଛିଡ଼ା ହେବା ଲାଗି ନେତୃବୃନ୍ଦ ଆହ୍ୱାନ ଜଣାଇଥିଲେ ।

ସ୍କୁଲ ଭିତରେ ଛାତ୍ରଙ୍କୁ ତାଲା ପକାଇ ପ୍ରଧାନ ଶିକ୍ଷୟତ୍ରୀ ଛୁ

ନୟାଗଡ଼, (ମହାଭାରତ) : ପୁଣି ସାମ୍ନାକୁ ଆସିଛି ସ୍କୁଲ ଭିତରେ ଛାତ୍ରଙ୍କୁ ତାଲା ପକାଇ ଶିକ୍ଷୟତ୍ରୀ ଛୁ ମାରିବା ଘଟଣା । ନୟାଗଡ଼ ରୁ ଆସିଛି ଏଭଳି ଅଭାବନୀୟ ଘଟଣା । ନୟାଗଡ଼ ବ୍ଲକ ବାରବାଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏ ଭଳି ଅଭାବନୀୟ ଘଟଣା ଦେଖିବା ପାଇଁ ମିଳିଛି । ଅଷ୍ଟମ ଶ୍ରେଣୀର ଛାତ୍ର ସିତୁ ନାହାକଙ୍କୁ ପ୍ରଧାନ ଶିକ୍ଷୟତ୍ରୀ ନମିତା କୁମାରୀ ମିଶ୍ର ସ୍କୁଲ ଛୁଟି ପରେ ଶ୍ରେଣୀ ଗୃହରେ ତାଲା ପକାଇ ଦେବା ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି । ସ୍ଥାନୀୟ ଲୋକ ମାନେ ପ୍ରଧାନ ଶିକ୍ଷୟତ୍ରୀ ନମିତା ମିଶ୍ରଙ୍କ ବିରୋଧ କାର୍ଯ୍ୟାନୁଷ୍ଠାନ ଦାବି କରି ସ୍କୁଲ ଭିତରେ ପଶି ପ୍ରତିବାଦ କରିଛନ୍ତି । ପ୍ରଧାନ ଶିକ୍ଷୟତ୍ରୀଙ୍କୁ ବିଦ୍ୟାଳୟରେ ଅଟକ ରଖି ପୋଲିସ ଜିମା ଦେଇଛନ୍ତି। ଘଟଣା ସ୍ଥଳରେ ସଦର ଥାନା ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ଉତେଜନା କମି ଥିଲା। ଅଭିଯୋଗ ଅନୁଯାୟୀ ଗତକାଲି ସ୍କୁଲ ଛୁଟିରେ ଅଷ୍ଟମ ଶ୍ରେଣୀର ଛାତ୍ର ସିତୁ ନାହାକ ଘରକୁ ଫେରି ନଥିଲେ। ପାଞ୍ଚଟା ପରେ ପିଲାକୁ ନ ପାଇ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ସ୍କୁଲ ଭିତରେ କେହି ଜଣେ ପିଲା ଚିତ୍କାର କରୁଥିବା ଶୁଣି ନିକଟରେ ଥିବା ଲୋକଙ୍କୁ ଜଣାଇଥିଲେ। ଏହା ପରେ ସ୍କୁଲ ଶ୍ରେଣୀ ଗୃହ ତାଲା ଭାଙ୍ଗିବା ପରେ ଭିତରେ ସିତୁକୁ ସେଠାରୁ ଉଦ୍ଧାର କରିଥିଲେ। ଶ୍ରେଣୀ ଗୃହରୁ ଉଦ୍ଧାର ହୋଇଥିବା ସିତୁଙ୍କ ଅଭିଯୋଗ ସ୍କୁଲରେ ମଧ୍ୟାହ୍ନ ଭୋଜନ ଖାଇବା ପରେ ତାଙ୍କ ଦେହ ଅସୁସ୍ଥ ଲାଗିଥିଲା। ତାଙ୍କୁ ଶ୍ରେଣୀ ଗୃହରେ ସାଇକେଲ ରଖି ଶୋଇବା ପାଇଁ କହିଥିଲେ। ହେଲେ ସ୍କୁଲ ଛୁଟି ପରେ ତାଙ୍କୁ କେହି ନିଦରୁ ଉଠେଇ ନ ଥିଲେ। ନିଦ ଭାଙ୍ଗିଲା ବେଳକୁ ଘରର ବାହାର ପଟୁ ତାଙ୍କୁ ତାଲା ପକା ଯାଇଛି। ବାହାରିବା ପାଇଁ ଘର ଭିତରେ ରହି ଚିତ୍କାର କରିଥିଲେ। ତାଙ୍କ ଚିତ୍କାର ସ୍ଥାନୀୟ ଲୋକ ମାନେ ତାଲା ଭାଙ୍ଗି ଉଦ୍ଧାର କରିଥିଲେ। ଏହି ଘଟଣାରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀଙ୍କୁ ତୁରନ୍ତ ଚାକିରୀ ନିଲମ୍ବନ ସହ ଗିରଫ କରିବା ପାଇଁ ଦାବି କରିଛନ୍ତି ସ୍ଥାନୀୟ ବାସିନ୍ଦା ଏବଂ ଉଦ୍ଧାର ଛାତ୍ରଙ୍କ ପରିବାର ଲୋକେ। ଅବହେଳାକୁ ପ୍ରଧାନ ଶିକ୍ଷୟତ୍ରୀ ମାନି ନେଇଥିବା ବେଳେ ତାଙ୍କ ଅଜଣାତରେ ଏଭଳି ଘଟଣା ଘଟିଥିବା ସେ କହିଛନ୍ତି। ଜାଣିବା ପରେ ତୁରନ୍ତ ବିଦ୍ୟାଳୟକୁ ଆସି ଛାତ୍ରଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବୁଝିଥିବା ସେ କହିଛନ୍ତି। ସେପଟେ ଅଭିଯୋଗ ମିଳିଛି ତଦନ୍ତ କରାଯାଉଛି ଖୁବ୍ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନୟାଗଡ଼ ଏବିଓ ସଞ୍ଜୟ ମଲ୍ଲିକ କହିଛନ୍ତି। ସେପଟେ ତୁରନ୍ତ ପ୍ରଧାନ ଶିକ୍ଷୟତ୍ରୀ ଙ୍କ ଉପରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସ୍କୁଲ ର ଅନ୍ୟ ଶିକ୍ଷୟତ୍ରୀ ଙ୍କୁ ସ୍କୁଲ ଭିତରେ ରଖି ସ୍କୁଲ ବାହାର ଗେଟ୍ କୁ ତାଲା ପକାଇଲେ ପରିବାର ଲୋକ। ବହୁ ସମୟ ପର୍ଯ୍ୟନ୍ତ ସ୍କୁଲ ଆଗରେ ଲାଗି ରହିଥିଲା ଉତେଜନା। ନୟାଗଡ଼ ଖଣ୍ଡପଡ଼ା ରାସ୍ତା ଅବରୋଧ କରିଥିଲେ ସ୍ଥାନୀୟ ବାସିନ୍ଦା।

ମାଁ ବଞ୍ଜାରୀ ଙ୍କ ଆଶୀର୍ବାଦ ନେଇ ପ୍ରଚାର ଆରମ୍ଭ କଲା ବିଜୁ ଜନତା ଦଳ

ନୂଆପଡା,(ମହାଭାରତ): ବିଜୁ ଜନତା ଦଳ ନୂଆପଡା ବିଧାନସଭା ଉପନିର୍ବାଚନ ପାଇଁ ବିଧିବଦ୍ଧ ଭାବେ ପ୍ରଚାର ଅଭିଯାନର ଶୁଭାରମ୍ଭ କରିଛି । ମା' ବଞ୍ଜାରୀ ଦେବୀ ମନ୍ଦିରରେ ବିଜେଡିର ବରିଷ୍ଠ ନେତାମାନେ ନୂଆପଡ଼ା ଉପନିର୍ବାଚନ ପାଇଁ ଦଳର ପ୍ରାର୍ଥୀ ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆଙ୍କ ବିପୁଳ ବିଜୟ ତଥା ନୂଆପଡ଼ାର ଶାନ୍ତି, ଉନ୍ନତି ଓ ସମୃଦ୍ଧି ପାଇଁ ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ । ଦଳର ବରିଷ୍ଠ ନେତା ଶ୍ରୀ ଦେବୀ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଦଳର ପ୍ରାର୍ଥୀ ତଥା ପୂର୍ବତନ ମନ୍ତ୍ରୀ ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ ତଥା ରାଜ୍ୟ ଓ ଜିଲ୍ଲାସ୍ତରୀୟ ନେତୃବୃନ୍ଦ ଯୋଗ ଦେଇ ବଡ଼ ବ୍ୟବଧାନରେ ବିଜେଡିର ବିଜୟ ପାଇଁ ଆହ୍ୱାନ ଜଣାଇଥିଲେ । ବିପୁଳ ଜନସମାଗମକୁ ସମ୍ବୋଧିତ କରି ଶ୍ରୀମତୀ ଛୁରିଆ କହିଥିଲେ ଯେ ନୂଆପଡ଼ାର ସାମଗ୍ରୀକ ବିକାଶ ପାଇଁ ଆଜିଠାରୁ ତାଙ୍କର ଅଭିଯାନ ଆରମ୍ଭ ହେଲା । ସେ କହିଥିଲେ ଯେ, "ବିଜୁ ଜନତା ଦଳ ସଦା ସେବା ଓ ଲୋକକଲ୍ୟାଣ ପାଇଁ କାମ କରୁଛି । ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱରେ ଆମର ସ୍ୱାର୍ଥ ବିହୀନ ସେବା ଓ ଜନକଲ୍ୟାଣ ଧାରା ଜାରି ରହିଛି । ବିଜୁ ପଟ୍ଟନାୟକଙ୍କ ଶାସନକାଳରେ ନୂଆପଡ଼ା ଏକ ଜିଲ୍ଲାର ମାନ୍ୟତା ପାଇଥିଲା । ତାଙ୍କର ଦୂରଦୃଷ୍ଟି ଓ ନେତୃତ୍ୱକୁ ଆଜି ମଧ୍ୟ ନୂଆପଡ଼ାବାସୀ ସମ୍ମାନର ସହ ସ୍ମରଣ କରି ଆସୁଛନ୍ତି । ସଭାରେ ବକ୍ତବ୍ୟ ରଖି ଦଳର ନେତୃବୃନ୍ଦ ବିଜେପି ନେତୃତ୍ୱର "ଡବଲ୍ ଇଞ୍ଜିନ୍ ସରକାର" ଉପରେ ତୀବ୍ର ଆକ୍ରମଣ କରି କହିଥିଲେ ଯେ ଗତ ୧୬ ମାସ ଧରି ଏହି ସରକାର ନୂଆପଡ଼ାରେ "ଡବଲ୍ ଧ୍ୱଂସ" ଲୀଳା ଚଳାଇଛି । ବିଜେପି ସରକାର ଜନସାଧାରଣଙ୍କ ଆକାଂକ୍ଷା ପୂରଣରେ ସମ୍ପୂର୍ଣ୍ଣ ବିଫଳ ହୋଇଛି । ଜିଲ୍ଲାବାସୀଙ୍କ ଆଶା ଓ ଆକାଂକ୍ଷା ପ୍ରତି ବିଜେପି ସରକାର କୁଠାରଘାତ କରିବା ସହିତ ମୌଳିକ ଭିତ୍ତିଭୂମି, ଜନକଲ୍ୟାଣ କାର୍ଯ୍ୟକ୍ରମ ଏବଂ ବିକାଶମୂଳକ ଯୋଜନାକୁ ଅଟକାଇଛି । ଜିଲ୍ଲାବାସୀଙ୍କ ଜୀବନଜୀବିକା ଘୋର ବିପଦରେ ପଡ଼ିଛି । ଏହି ସଭାରେ ମୁଖ୍ୟ ବକ୍ତା ଭାବେ ଶ୍ରୀ ଅବନୀ ରଞ୍ଜନ ଜୋଷୀ (ଜିଲ୍ଲା ସଭାପତି, ବିଜେଡି ନୂଆପଡା), ବିଧାୟକ ଶ୍ରୀ ଅଧିରାଜ ମୋହନ ପାଣିଗ୍ରାହୀ, ବିଧାୟିକା ଶ୍ରୀମତୀ ମନୋରମା ମହାନ୍ତି, ଶ୍ରୀ ମନୋଜ ମିଶ୍ର (ସାଧାରଣ ସମ୍ପାଦକ) ଓ ବରିଷ୍ଠ ନେତା ଶ୍ରୀ ଭାନୁ ପ୍ରତାପ ସିଂହ ମାଝୀ ପ୍ରମୁଖ ଉଦ୍ବୋଧନ ଦେଇ ବିଜେଡି ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ବିଜୟୀ କରାଇବା ଲାଗି ଆହ୍ୱାନ ଜଣାଇଥିଲେ । ସେମାନେ ଅଭିଯୋଗ କରିଥି

ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା

ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୫ ଅନୁଷ୍ଠିତ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ଗୋଶାଣୀ ବ୍ଲକର ଉପଲଡା ଠାରେ ଥିବା ରବୀନ୍ଦ୍ର ନାଥ ଟେଗୋର ମେମୋରିୟମ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ଏନ ବୀରରାଜୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଗୋଷ୍ଠୀ ଶିକ୍ଷା ଅଧିକାରୀ ସୀତାରାମ ପାତ୍ରଙ୍କ ପ୍ରତ୍ୟକ୍ଷ ତ□ାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଏନ ବିମଲ, କେ. ସମେଶ୍ୱର ରାଓ,ପ୍ରଧାନଶିକ୍ଷକ ଜ ଧର୍ମା ରାଓ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ପ୍ରତିଯୋଗିତା ମାନ ହୋଇଥିଲା କୃତି ପ୍ରତିଯୋଗୀ ମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ର ଛାତ୍ରୀ ଜିଲ୍ଲା ସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ।ଏହି କାର୍ଯ୍ୟକ୍ରମ ରେ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀଙ୍କ ସହ ଶିକ୍ଷକ ସଦାନନ୍ଦ ପାତ୍ର,ରାମଚନ୍ଦ୍ର ମିଶ୍ର, ଭି ଭେଙ୍କେଟ ରାବଣା, ଶିକ୍ଷୟିତ୍ରି ସଙ୍ଗୀତା, ବବିତା ପୁରୋହିତ, ସଙ୍ଗୀତା ସି ଆର ସି ରଶ୍ମିତା ସାମଲ,ସି ଆର ସି ସିଏଚ ଗୌରୀ,ଙ୍କ ସମେତ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ।

ପାରଳାଖେମୁଣ୍ଡିର ନେହେରୁ ନଗର ଛକ ନିକଟରେ ମାଆ ଶ୍ୟାମାକାଳୀ ପୂଜା ଅନୁଷ୍ଠିତ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ନେହେରୁ ନଗର ଛକ ନିକଟରେ ଦୀର୍ଘ ୪୮ ବର୍ଷ ହେଲା ମାଆ ଶ୍ୟାମା କାଳୀ ପୂଜା ଅନଷ୍ଠିତ ହେଉଅଛି । ଏହି ପୂଜା ଏଗାର ଦିନ ଧରି ଅନୁଷ୍ଠିତ ହେବ ।ସକାଳୁ ମାଆଙ୍କର ଯଥାରୀତି ନୀତି ଅନୁଯାୟୀ ଆଳତୀ, ହୋମଯଜ୍ଞ,ଚଣ୍ଡି ପାଠ ପ୍ରଭୃତି କାର୍ଯ୍ୟକ୍ରମ ହେବା ସଙ୍ଗେ ସଙ୍ଗେ ସନ୍ଧ୍ୟା ସମୟରେ ଦୀପଯଜ୍ଞ ଘୃତ ଯଜ୍ଞ ଓ ସନ୍ଧ୍ୟା ଆଳତୀ ଦର୍ଶନ କରିବା ପାଇଁ ଆଖପାଖ ଅଞ୍ଚଳର ସହ ପଡୋଶୀ ରାଜ୍ୟରୁ ଭକ୍ତମାନଙ୍କ ସୁଅ ଛୁଟୁଥିବାର ଦେଖିବାକୁ ମିଳିଛି । ରାତିରେ ମାଆଙ୍କ ନିକଟରେ ଅନ୍ନ ଭୋଗ ହେଉଛ । ଅନ୍ନପ୍ରସାଦ ପାଇବା ପାଇଁ ଭକ୍ତମାନଙ୍କ ସମାଗମ ହେଉଛନ୍ତି ।ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି ।ଏଗାର ଦିନରେ ମାଆ ଙ୍କର ବିସର୍ଜନ ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି ।ସଭାପତି ଭାରତ ଭୂଷଣ ମହାନ୍ତି, ବଳରାମ ନାୟକ, ମନୋଜ ପଟ୍ଟନାୟକ, ପ୍ରଣୋଜ ପଟ୍ଟନାୟକ, ପ୍ରଶାନ୍ତ ପାତ୍ର,ଟୁକୁ ପଟ୍ଟନାୟକ, ବୁଲୁ ପଟ୍ଟନାୟକ, ଅଶୋକ ଗନ୍ତାୟତ ରୋଏଲ ଗ୍ରେଜ ଗ୍ରୁପ ପ୍ରମୁଖଙ୍କ ସହଯୋଗ ରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଅଛି ।

ସାପ କାମୁଡାରେ ବୃଦ୍ଧାଙ୍କ ମୃତ୍ୟୁ

ବିଷମ କଟକ(ମହାଭାରତ): ରାୟଗଡା ଜିଲ୍ଲା ବିଷମ କଟକ ବ୍ଲକ ଅନ୍ତର୍ଗତ ହାଟମୁନିଗୁଡା ଗ୍ରାମ ପଞ୍ଚାୟତର ଘଂଟିଖାଲ ଗ୍ରାମର ଜଣେ ବୃଦ୍ଧା ବିଷଧର ସାପ କାମୁଡାରେ ମୃତ୍ୟୁବରଣ କରିଛନ୍ତି । ଡାକ୍ତରଖାନାର ଚିକିତ୍ସା ଅପେକ୍ଷା ଝଡ଼ାଫୁଙ୍କା ଉପରେ ପରିବାର ଲୋକେ ଭରସା କରିବାରୁ ଏହି ଅଘଟଣ ଘଟିଥିବା ସୂଚନା ମିଳିଛି ।ସୂଚନାନୁସାରେ, ଗତ ରବିବାର ଦିନ ସାଲା ହୁଇକା (୬୦) ନିଜ କପା ବାଡ଼ିରେ କାମ କରୁଥିବାବେଳେ ଅପରାହ୍ନରେ ତାଙ୍କୁ କୌଣସି ଏକ ବିଷଧର ସାପ କାମୁଡ଼ି ଦେଇଥିଲା । ତୁରନ୍ତ ପରିବାର ଲୋକେ ତାଙ୍କୁ ବିଷମ କଟକର ଏକ ଘରୋଇ ଖ୍ରୀଷ୍ଟିଆନ ହସ୍ପିଟାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ । ଚିକିତ୍ସା ଚଲିଥିଲେ ମଧ୍ୟ ସ୍ୱାସ୍ଥ୍ୟରେ କୌଣସି ସୁଧାର ନ ଆସିବାରୁ ସେଠାକାର ଡାକ୍ତର ତାଙ୍କୁ ଉତ୍ତତ ଚିକିତ୍ସା ପାଇଁ ଅନ୍ୟ ସ୍ଥାନକୁ ନେବାକୁ ପରାମର୍ଶ ଦେଇଥିଲେ। ହେଲେ, ପରିବାର ଲୋକେ ଡାକ୍ତରଖାନାର ଚିକିତ୍ସା ଉପରେ ଅପେକ୍ଷା ଗୁଣିଆ ଉପରେ ଅଧିକ ବିଶ୍ୱାସ କରିଥିଲେ । ଫଳରେ ସେମାନେ ସାଲା ହୁଇକାଙ୍କୁ ମେଡିକାଲରୁ ଆଣି କାରାପାଡି ଅଞ୍ଚଳର କୌଣସି ଏକ ଗୁଣିଆ ପାଖକୁ ଝଡ଼ାଫୁଙ୍କା ମାଧ୍ୟମରେ ବିଷ ବାହାର କରିବା ପାଇଁ ନେଇଥିଲେ । ମାତ୍ର, ଗୁଣିଆର ସମସ୍ତ ଚେଷ୍ଟା ସ□ ମହିଳାଙ୍କର ମୃତ୍ୟୁ ହୋଇଯାଇଥିଲା ।ଏଭଳି ଆଦିବାସୀ ଅଞ୍ଚଳରେ ସଚେତନତା ଅଭାବରୁ ଲୋକମାନେ ଆଜି ବି ଚେରମୂଳି ଓ ଝଡ଼ାଫୁଙ୍କା ଭଳି ଅନ୍ଧବିଶ୍ୱାସ ଉପରେ ବିଶ୍ୱାସ ରଖୁଛନ୍ତି । ଏଭଳି ଅନ୍ଧବିଶ୍ୱାସ କାରଣରୁ ପ୍ରତ୍ୟେକ ବର୍ଷ ଅନେକ ନିରୀହ ଜୀବନ ଚଲିଯାଉଥିବାର ନଜିର ରହିଛି । ଏଭଳି ପରିସ୍ଥିତିରେ ସରକାରଙ୍କ ପକ୍ଷରୁ ବ୍ୟାପକ ସଚେତନତା ସୃଷ୍ଟି କରାଗଲେ ଅନେକ ମୂଲ୍ୟବାନ ଜୀବନ ରକ୍ଷା କରାଯାଇପାରିବ ବୋଲି ସାଧାରଣରେ ଦାବି ହେଉଛି ।ଅନ୍ୟପକ୍ଷରେ, ସାପ କାମୁଡାରେ ମୃତ୍ୟୁ ହେଲେ ସରକାର ମୃତକଙ୍କ ପରିବାରକୁ ସହାୟତା ରାଶି ପ୍ରଦାନ କରିଥାନ୍ତି । ଏହି ସହାୟତା ପାଇଁ ମୃତ ପରିବାର ଲୋକେ ମହିଳାଙ୍କ ଶବକୁ ବିଷମ କଟକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିବା ସହ ତହସିଲଦାର ଏବଂ ଥାନା ଅଧିକାରୀଙ୍କୁ ଅବଗତ କରିଛନ୍ତି । ଖବର ପାଇ ବିଷମ କଟକ ପୋଲିସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ଶବ ଜବତ କରିଛି । ଥାନା ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢ଼ି ସୂଚନା ଦେଇଛନ୍ତି ଯେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ।

୬୬ତମ ପୋଲିସ ଶହୀଦ ସ୍ମୃତି ଦିବସ ୨୦୨୫ ପାଳିତ

ରଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଉପକଣ୍ଠରେ ଥିବା ବେତା ଗୁଡା ରିଜର୍ଭ ପୋଲିସ ପଡିଆ ଠାରେ ୬୬ ତମ ପୋଲିସ ଶହୀଦ ସ୍ମୃତି ଦିବସ ୨୦୨୫ ପାଳିତ ହୋଇ ଯାଇଛି ।ଏହି କାର୍ଯ୍ୟକ୍ରମରେ ଗଜପତି ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୋଲିସ ଶହୀଦ ସ୍ମୃତି ଦିବସ ଉପରେ ନିଜର ଅଭିଭାଷଣ ପ୍ରଦାନ କରିଥିଲେ ।ପରେ ଶହୀଦ ହୋଇ ଥିବା ପୋଲିସ କର୍ମଚାରୀଙ୍କ ସ୍ମୃତି ସ୍ତମ୍ଭରେ ପୁଷ୍ପମାଲ୍ୟାର୍ପଣ କରିଥିଲେ। ପରେ ଶହୀଦ ପରିବାରଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ମାନିତ କରାଯାଇ ଥିଲା ।ଜିଲ୍ଲାର ସୁରକ୍ଷା, ସମାଜରେ ଶାନ୍ତି ରକ୍ଷା ଓ ଜନ ସେବା କ୍ଷେତ୍ରରେ ଗଜପତି ଜିଲ୍ଲା ପୋଲିସର ଦକ୍ଷତା ଉପରେ ନିଜର ବକ୍ତବ୍ୟରେ ପ୍ରକାଶ କରିଥିଲେ ।ଏହି କାର୍ଯ୍ୟକ୍ରମରେ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ମାଧବାନନ୍ଦ ନାୟକ,ରିଜର୍ଭ ପୋଲିସ ଇନ୍ସପେକ୍ଟର ନିରଞ୍ଜନ ନାୟକ, ଖୁସି ରାମ ଭୋଇ ସରଜେଣ୍ଟ, ପୋଲିସ କନ୍ଦର୍ପ ପାତ୍ର ଓ ବହୁ ପୋଲିସ କର୍ମଚାରୀଙ୍କ ସମେତ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

ମେଳବାହାଲି ଗାଁରେ ଜଙ୍ଗଲି ହାତୀ ଉପଦ୍ରବ

ଧାନ ଫସଲ ମାଡି କଲେ ନଷ୍ଟ

ଲାଞ୍ଜିଗଡ଼,(ମହାଭାରତ): କଳାହାଣ୍ଡି ଜିଲ୍ଲା ଦକ୍ଷିଣ ବନଖଣ୍ଡ ବିଶ୍ୱନାଥପୁର ରେଞ୍ଜ ବିଜେପୁର ସେକ୍ସନ ମେଳବାହାଲି ଗାଁ ମାନପଟା ପଡ଼ାରେ ହାତୀ ଉପଦ୍ରବ ଦେଖିବାକୁ ମିଳିଛି ।ନିକଟସ୍ଥ ସର୍ଗିଗୁଡା ଜଙ୍ଗଲରେ ୫ ଟିକିଆ ହାତୀପଲ ରହିଥିବା ବେଳେ ଗତ ରାତିରେ ଲାଞ୍ଜିଗଡ଼ ବ୍ଲକ ବିଜେପୁର ପଞ୍ଚାୟତର ମେଳବାହାଲି ଗାଁ ମାନପଟା ପଡ଼ା ର ହରି ମାଝୀଙ୍କ ୧ ଏକରରୁ ଉର୍ଦ୍ଧ୍ୱ ଧାନ ଫସଲକୁ ମାଡ଼ି ଚକଟି ନଷ୍ଟ କରି

ଦେଇଛନ୍ତି ।ଏମାନେ ବହୁ କଷ୍ଟରେ ଧାର ଉଧାର କରି ଧାନ ଚଷ କରିଥିଲେ ହେଲେ ବର୍ତ୍ତମାନ ଏମାନଙ୍କ ଧାନ କ୍ଷେତକୁ ହାତୀ ମାଡି ଚକଟି ନଷ୍ଟ କରିଦେଇଥିବା ବେଳେ ବର୍ତ୍ତମାନ ହରି ମାଝୀଙ୍କ ପରିବାର ଚିନ୍ତାରେ ଭାଙ୍ଗି ପଡିଛନ୍ତି । ବର୍ତ୍ତମାନ ସର୍ଗିଗୁଡା ଜଙ୍ଗଲଠାରେ ହାତୀପଲ ରହିଥିବା ବେଳେ ବନ ବିଭାଗ ପାଖରେ କୌଣସି ସୂଚନା ନାହିଁ। ଏନେଇ ବିଜେପୁର ବନପାଳ ପଦ୍ମଲୋଚନ ଶବରଙ୍କୁ ପଚାରିବାରୁ ଏସମ୍ପର୍କରେ ମୁଁ ଜାଣି ନାହିଁ ବର୍ତମାନ ଏବେ ଆପଣଙ୍କ ଠାରୁ ଶୁଣୁଛି । ମୁଁ ଘଟଣା ସ୍ଥଳକୁ ଯାଇ କି ଯାଞ୍ଚ କରିବି ଓ ଯାହା କ୍ଷୟ କ୍ଷତି ହୋଇଛି ଆକଳନ କଲା ପରେ ସରକାରଙ୍କ ଯାହା ସୁବିଧା ମିଳିବା କଥା ଯୋଗାଇ ଦିଆଯିବ ବୋଲି ବିଜେପୁର ବନପାଳ ପଦ୍ମଲୋଚନ ଶବର ପ୍ରକାଶ କରିଥିଲେ।

ଜିଲ୍ଲା ସ୍ତରୀୟ ଶିଶୁ ପାଇଁ ଦିନଟିଏ ପାଳନ

ନବରଙ୍ଗପୁର(ମହାଭାରତ):ମିଶନ ବାହଲ୍ୟ ଯୋଜନା ଅନ୍ତର୍ଗତ ନବରଙ୍ଗପୁର ଜିଲ୍ଲା ପ୍ରଶାସନ ଦ୍ୱାରା ଅଶୋକ ମେହେତା ସମ୍ମିଳନୀ କକ୍ଷ ରେ ଶିଶୁ ପାଇଁ ଦିନଟିଏ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ଙ୍କ ଅଧକ୍ଷତାରେ ଏକ ଜିଲ୍ଲା ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ରେ ଆରକ୍ଷୀ ଅଧିକ୍ଷକ ମଡ଼କର ସନ୍ଦୀପ ସମ୍ପଦ,ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର,ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ ସନ୍ତୋଷ ପଣ୍ଡା, ଡି ଏସ ଡ ବ୍ଲୁ ଓ ଦ୍ରୌପଦି କହଁର, ଏ ଡି ପି ଏଚ ଓ ଡ ମଳୟ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।ଜିଲ୍ଲା ସୁରକ୍ଷା କମିଟି ,ଜିଲ୍ଲା ଟାସ୍କ ଫୋର୍ସ କମିଟି,ବାଲ୍ୟ ବିବାହ ପ୍ରତିରୋଧ କମିଟି ସଭ୍ୟ,ଶିଶୁ ମଙ୍ଗଳ କମିଟି ଅଧକ୍ଷଙ୍କ ସମେତ ଡି ସି ପି ଓ ସୁରେଶ ପଟ୍ଟନାୟକ, ଡି ଏସ ଏସ ଓ ସୁଧାଂଶୁ ପାତ୍ର, ଡି ଆଇ ପି ଆର୍ ଓ ମନୋଜ ବେହେରା, ଡି ଏଲ୍ ଓ ଟୁଡୁ ଛୋଟରାୟ, ସମସ୍ତ ବ୍ଲକ ସି ଡି ପି ଓ, ସ୍ୱେଚ୍ଛାସେବୀ ସଂସ୍ଥା ପିରାମଲ, ଆଭା,ମହିଳା ଓ ଶିଶୁ ସହାୟକ ୟୁନିଟ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ ।ବୈଠକରେ ଶିଶୁ ପାଇଁ ଦିନଟିଏ ପାଳନ ଅବସରରେ ଜିଲ୍ଲାରେ ବାଲ୍ୟ ବିବାହ ପ୍ରତିରୋଧ ଓ ସଚେତନତା,ଶିଶୁ ଶ୍ରମିକ ଉଦ୍ଧାର ,ଶିଶୁର ଅଧିକାର ସୁରକ୍ଷା ଓ ଟାସ୍କଫୋର୍ସ କମିଟି ର କାର୍ଯ୍ୟକାରିତା ଉପରେ ଆଲୋଚନା ହୋଇଥିଲା ।ବୈଠକରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନିଆଯାଇଛି, ଯାହାଅନୁଯାୟୀ ନବରଙ୍ଗପୁର ଜିଲ୍ଲାର ୩୦ ଟି ବାଲ୍ୟ ବିବାହ ପ୍ରଭାବିତ ଅଞ୍ଚଳ କୁ ଚିହ୍ନଟ କରି ବାଲ୍ୟ ବିବାହ ପ୍ରତିରୋଧ ଓ ସମ୍ପୂର୍ଣ୍ଣ ଭାବେ ବାଲ୍ୟ ବିବାହ ମୁକ୍ତ ଜିଲ୍ଲା ରୂପେ ଦେଖିବାକୁ ଜିଲ୍ଲା ପ୍ରଶାସନ ର ଅଧିକାରୀ , ପୋଲିସ ବିଭାଗ , ସରପଞ୍ଚ,ଗ୍ରାମ୍ୟ ମୁଖିଆ,ସମିତି ସଭ୍ୟ ଙ୍କୁ ନେଇ ମିଳିତ ଭାବରେ ଏକ ଦୃଢ଼ ସଚେତନତା ପଦକ୍ଷେପ,ଗ୍ରାମ୍ୟ ସଭା ଓ ବିଶେଷ କାର୍ଯ୍ୟାନୁଷ୍ଠାନ ନିଆଯିବ ।ସେଭଳି ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାର ଶିକ୍ଷା ଓ ମଙ୍ଗଳ ବିଭାଗର ସମସ୍ତ ବିଦ୍ୟାଳୟ ମାନଙ୍କରେ ଛାତ୍ର ଛାତ୍ରୀ ମାନଙ୍କୁ ବାଲ୍ୟ ବିବାହ ପ୍ରତିରୋଧ ସମ୍ପର୍କିତ ଶପଥ ପାଠ କରାଯିବ ।ଜିଲ୍ଲାପାଳ ନିଜ ବକ୍ତବ୍ୟରେ ବାଲ୍ୟ ବିବାହ ରୋକିବାରେ ସମସ୍ତଙ୍କ ସ୍ୱତ୍ୱମନିତ ପ୍ରୟାସ ଓ ବିଶେଷ ସଚେତନତା ଆବଶ୍ୟକ ବୋଲି କହିଥିଲେ ।ବୈଠକରେ ସୂଚନା ଅନୁସାରେ ଜିଲ୍ଲାରେ ଜାନୁଆରି ୨୦୨୫ ରୁ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ୩୪୬ ଟି ବାଲ୍ୟ ବିବାହ ରୋକାଯାଇଛି ।୨୦୨୫-୨୬ ରେ ଅଦ୍କୋ ଯୋଜନା ରେ ମୋଟ ୪୮୩୬୧ ଜଣ କିଶୋରୀ କିଶୋର ଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି ।୨୩୩୦ ଟି ଅଙ୍ଗନବାଡି କେନ୍ଦ୍ର ମାନଙ୍କରେ ପ୍ରତି ଶନିବାର ଦିନ ଜୀବନ ଜୀବିକା,ସଚେତନତା,ଶିକ୍ଷା ଗ୍ରହଣ ଉପରେ ଗୁରୁବ ଦିଆଯାଉଛି ।ବୈଠକରେ ବାଲ୍ୟ ବିବାହ କୁ ପ୍ରୋତ୍ସାହନ ଦେଉଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସହମତ ହୋଇଥିଲେ।

ସହିଦ ଲଷ୍ମଣ ନାୟକ ମୂଳ ଅଧିବାସୀ ସଙ୍ଘ ଦ୍ୱାରା କୁନ୍ଦୁରା ବଡ଼ଓ ଓ ବଇଓଙ୍କୁ ଦାବିପତ୍ର

କୁନ୍ଦୁରା(ମହାଭାରତ)- କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ ଠାରେ ରହିଥିବା ସହିଦ ଲଷ୍ମଣ ନାୟକ ମୂଳଅଧିବାସୀ ସଙ୍ଘ ତରଫରୁ ଆଜି ମୁଖ୍ୟତଃ ୨ ଟି ଦାବୀ ପୂରଣ ନିମନ୍ତେ କୁନ୍ଦୁରା ବିଡ଼ିଓ ଙ୍କୁ ଏବଂ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ସାକ୍ଷାତ କରି ଦାବିପତ୍ର ଦେବା କାର୍ଯ୍ୟକ୍ରମ କରାଯାଇଥିଲା । ଦାବୀପତ୍ର ରେ ଉଲ୍ଲେଖ କରାଯାଇଛି ଯେ କୁନ୍ଦୁରା ବ୍ଲକ ବଣୁଆଗୁଡା ପଞ୍ଚାୟତ ଦିଶାରୀଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ଜଣେ ଶିକ୍ଷକ ଙ୍କୁ ଆକ୍ରସ ମୂଳକ ଭାବେ ଅନ୍ୟ ବ୍ଲକ କୁ ବଦଳୀ କରିଦିଆଯାଇଛି । କୁନ୍ଦୁରା ବ୍ଲକ ର ପ୍ରାୟ ୧୩୫ ଟି ବିଦ୍ୟାଳୟ ମଧ୍ୟରୁ ଅଧିକାଂଶ ବିଦ୍ୟାଳୟ ମାନଙ୍କରେ ଶିକ୍ଷକ ଅଭାବ ରହିଛି । କୁନ୍ଦୁରା ବ୍ଲକ ରେ ଶିକ୍ଷକ ଅଭାବ ରହିଥିବା ସତ୍ୱେ କିଛି ବାହାର ଜିଲ୍ଲାର ଶିକ୍ଷକ ରାଜନୈତିକ ଚାପ ଓ ଆର୍ଥିକ ଚାପ ଦ୍ୱାରା କୁନ୍ଦୁରା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ମଧମରେ ଦରମା ପାଉଥିବା ବେଳେ ଅନ୍ୟ ଜିଲ୍ଲାର ମନନୀତ ବ୍ଲକ ରେ ରହି ଶିକ୍ଷକତା କରୁଛନ୍ତି । ଯଦି ବାହାର ଜିଲ୍ଲାର ଶିକ୍ଷକ ମାନେ ନିଜ ବ୍ଲକ କୁ ବାଛି ଚଲିଯାଉଛନ୍ତି ତ ଏମିତିକା ପରିସ୍ଥିତିରେ କୁନ୍ଦୁରା ବ୍ଲକର ଅଧିକାଂଶ ବିଦ୍ୟାଳୟ ରେ ଶତାଧିକ ଶିକ୍ଷକ ପଦବୀ ଖାଲି ପଡ଼ିଥିବା ବେଳେ ଜଣେ ଭଲ ଶିକ୍ଷକ ଙ୍କୁ ବ୍ଲକ ବାହାରକୁ ବଦଳୀ କରାଯାଇଥିବା ଇର୍ଷା ମୂଳକ ବୋଲି ସଙ୍ଘ ର ସଭାପତି ମହେଶ୍ୱର ପେଣ୍ଡିଆ ଓ ସାଧାରଣ ସଂପାଦକ ତ୍ରିନାଥ ସମରଥ କହିଛନ୍ତି । ଏହି ବଦଳୀ ଆଗାମୀ ୭ ଦିନ ଭିତରେ ବାତିଲ କରାଯାଉ ନଚେତ ସଙ୍ଘ ଆଇନ ଅମାନ୍ୟ କରି ଧାରଣା ଦେବାକୁ ବାଧ ହେବ ବୋଲି କହିଥିଲେ । ସେହିଭଳି ଦ୍ୱିତୀୟ ଦାବୀ - ଅନାସ୍ଥା ପ୍ରସ୍ତାବ ଦ୍ୱାରା ଯେଉଁ ବ୍ଲକ ଅଧକ୍ଷ୍ୟଙ୍କ ଙ୍କୁ ବାହାର କରାଗଲା ତା ବଦଳରେ ଆଉଜଣେ ଅନୁସୂଚିତ ଜନଜାତି ମହିଳାଙ୍କୁ ବ୍ଲକ ଅଧକ୍ଷା କରାଯିବା ପାଇଁ ବିଜ୍ଞପ୍ତି ପ୍ରକାଶ କରାଯାଉ ବୋଲି ଦାବୀପତ୍ର ରେ ଉଲ୍ଲେଖ କରାଯାଇଛି । ଆଜିର ଏହି ଦାବିପତ୍ର କୁ ଖାମଖିଆଲି ଢଙ୍ଗ ରେ ଗ୍ରହଣ ନକରି ଏଥିପ୍ରତି ତୁରନ୍ତ କାର୍ଯ୍ୟକ୍ଷମ କରାଯାଉ ନଚେତ ସଙ୍ଘ ନିଜର ଏକତାର ବଳ ପ୍ରଦର୍ଶନ କରିବାକୁ ବାଧ୍ୟହେବ । ଏହାର ପ୍ରଭାବ ଆସନ୍ତା ପଞ୍ଚାୟତ ନିର୍ବାଚନ ରେ ସରକାର ଭଲଭାବେ ଜାଣିପାରିବେ । କୁନ୍ଦୁରା ବ୍ଲକ ର ୧୬ ଟି ପଞ୍ଚାୟତ ରୁ ଜଣେ ମଧ୍ୟ ସରପୋ□, ସମିତି କିମ୍ବା ଜିଲ୍ଲାପରିଷଦ ପ୍ରାର୍ଥୀ ବାହାରିବେ ନାହିଁ ବୋଲି ସିଧା ସଳଖ ଚେତାବନୀ ଦେଇଥିଲେ। ସାଗରଗୁଡା ନିକଟ ସହିଦ ଲଷ୍ମଣ ନାୟକ ପଡିଆ ଠାରୁ ସଙ୍ଘ ପଦଯାତ୍ରା ରେ ବାହାରି ନିଜର ଦାବୀ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର କରି ସାଗରଗୁଡା ଏବଂ କୁନ୍ଦୁରା ଗ୍ରାମ ରାଲୀ କରି ପ୍ରଥମେ କୁନ୍ଦୁରା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଭେଟି ଦାବିପତ୍ର ଦେବାପାଇଁ ପହଞ୍ଚି ଥିଲେ ।ବିଇଓ ଅନୁପସ୍ଥିତ ଥିବା ଯୋଗୁଁ ଏବିଓ - ପାପେୟା ବେହେରା ସଙ୍ଘ ଦ୍ୱାରା ଦିଆଯାଇଥିବା ଦାବିପତ୍ର ଗ୍ରହଣ କରିଥିଲେ । ଏହା ପରେ ସଙ୍ଘ ବ୍ଲକ କାର୍ଯ୍ୟାଳୟ ରେ ପହଞ୍ଚି ବିଡ଼ିଓ ଙ୍କୁ ଦାବିପତ୍ର ଦେବା ପାଇଁ ଖୋଜିଥିଲେ। କିନ୍ତୁ ବିଡ଼ିଓ ଅନୁପସ୍ଥିତ ରହିଥିବା ଯୋଗୁଁ ସଙ୍ଘ ର ଶତାଧିକ କାର୍ଯ୍ୟକର୍ତ୍ତା ଅସନ୍ତୋଷ ପ୍ରକାଶ କରିବା ସହ ବ୍ଲକ ରେ ଉପସ୍ଥିତ ଏଇଇ ଙ୍କୁ ଦାବିପତ୍ର ଦେଇ ୭ ଦିନ ଭିତରେ ଏହି ଦାବିପତ୍ର ଅନୁସାରେ କାର୍ଯ୍ୟକାରୀ କରାଯାଉ ନଚେତ ରାଜ ରାସ୍ତା ବନ୍ଦ ହେବ ଏବଂ ବିଇଓ ଅଫିସ ଓ ବ୍ଲକ ଅଫିସ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦିଆଯିବ ବୋଲି ଚେତାବନୀ ଦେଇଥିଲେ।

୩ ଟି ନୂତନ ଗୃହ ଭିତ୍ତିପ୍ରସ୍ତର ସ୍ଥାପନ କଲେ ସାଂସଦ ଓ ବିଧାୟକ

ପରଜଙ୍ଗ (ମହାଭାରତ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକର ପରଜଙ୍ଗ ଠାରେ ୩ ଟି ନୂତନ ଗୃହ ଗ୍ରାମ୍ୟ ଉତ୍ତୟନ ବିଭାଗ ପକ୍ଷରୁ କାର୍ଯ୍ୟକ୍ରମ କରାଯାଇଥିଲା। ଏଠାରେ ମାନ୍ୟବର ସାଂସଦ ଢେଙ୍କାନାଳ ଶ୍ରୀଯୁକ୍ତ ରୁଦ୍ରନାରାୟଣ ପାଣିଙ୍କ କରକାମଳରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଅଛି । ମୁଖ୍ୟତିଥି ମାନ୍ୟବର ବିଧାୟକ ପରଜଙ୍ଗ ଶ୍ରୀଯୁକ୍ତ ବିଭୁତି ଭୂଷଣ ପ୍ରଧାନ ଓ ସମ୍ମାନିତ ଅତିଥି ମାନ

ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ

ଦିଲ୍ଲୀରେ ଏନ୍‌କାଉଣ୍ଟର: ୪ ମୋଷ୍ଟ ୱାଣ୍ଟେଡ୍ ଗ୍ୟାଙ୍ଗଷ୍ଟର୍ ନିହତ

ନୂଆଦିଲ୍ଲୀ: ଗୁରୁବାର ପ୍ରତ୍ୟୁଷରେ ଦିଲ୍ଲୀରେ ପୁଲିସ ଏନକାଉଣ୍ଟରରେ ବିହାରର ଚାରି ଜଣ ମୋଷ୍ଟ ୱାଣ୍ଟେଡ୍ ଗ୍ୟାଙ୍ଗଷ୍ଟର୍ ନିହତ ହୋଇଛନ୍ତି । ସେମାନେ କୁଖ୍ୟାତ ସିଗ୍‌ମା ଗ୍ୟାଙ୍ଗର ଥିଲେ ଏବଂ ବିହାରରେ ବିଧାନସଭା ନିର୍ବାଚନ ପୂର୍ବରୁ ଏକ ବଡ଼ ଷଡଯନ୍ତ୍ର କରୁଥିବା ଅଭିଯୋଗ ହୋଇଥିଲା । ଉତ୍ତର-ପଶ୍ଚିମ ଦିଲ୍ଲୀରେ ରାତି ୨ଟା ୨୦ ସମୟରେ ଗ୍ୟାଙ୍ଗଷ୍ଟର ଏବଂ ଦିଲ୍ଲୀ ଓ ବିହାର ପୁଲିସର ଟିମ୍ ମଧ୍ୟରେ ଗୁଳିବିନିମୟ ହୋଇଥିଲା । ଦିଲ୍ଲୀ ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ପୁଲିସ ଗ୍ୟାଙ୍ଗର ସଦସ୍ୟମାନଙ୍କୁ ଅଟକାଇବାକୁ ଚେଷ୍ଟା କରିବାବେଳେ ଏହି ଏନ୍‌କାଉଣ୍ଟର ଆରମ୍ଭ ହୋଇଥିଲା । ଚାରିଜଣ ଅଭିଯୁକ୍ତଙ୍କ ଦେହରେ ଗୁଳି ବାଜିବା ପରେ ସେମାନଙ୍କୁ ରୋହିଣୀର ବାବା ସାହେବ ଆମ୍ବେଦକର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା, ଯେଉଁଠାରେ ଡାକ୍ତରମାନେ ସେମାନଙ୍କୁ ମୃତ ଘୋଷଣା କରିଥିଲେ । ଏହି ଗ୍ୟାଙ୍ଗଷ୍ଟରମାନେ ହେଲେ ରଞ୍ଜନ ପାଠକ (୨୫), ବିମଳେଶ ମାହାତୋ (୨୫), ମନିଷ ପାଠକ (୩୩) ଓ ଅମନ ଠାକୁର (୨୧ ବର୍ଷ) । ରଞ୍ଜନ ପାଠକ ସେମାନଙ୍କ ନେତା ଥିଲା । ବର୍ଷ ବର୍ଷ ଧରି ସିଗ୍‌ମା ଗ୍ୟାଙ୍ଗ ସମଗ୍ର ବିହାରରେ ଚୋରାଚାଲାଣ ଓ ଚୁକ୍ତିଭିତ୍ତିକ ହତ୍ୟାକାଣ୍ଡରେ ଜଡିତ ଏକ ବିଶାଳ ନେଟୱର୍କ ଗଠନ କରିଥିଲା । ପାଠକ ଉପରେ ୨୫ ହଜାର ଟଙ୍କା ପୁରସ୍କାର ରାଶି ଘୋଷଣା କରାଯାଇଥିଲା । ସେ ବିହାରର ସୀତାମଢ଼ି ଓ ଏହାର ଆଖପାଖ ଜିଲ୍ଲାରେ ପାଞ୍ଚଟି ହାଇପ୍ରୋଫାଇଲ୍ ହତ୍ୟା ସମେତ ଆଠଟି ଆପରାଧିକ ମାମଲାରେ ଜଡ଼ିତ ଥିଲା । ପାଠକ ସୋସିଆଲ ମିଡିଆ ଓ ଅଡିଓ ବାର୍ତ୍ତା ମାଧ୍ୟମରେ ପୁଲିସକୁ ଖୋଲା ଚ୍ୟାଲେଞ୍ଜ ଦେଉଥିଲା । ନିକଟରେ ଉଦ୍ଧାର ହୋଇଥିବା ଏକ ଅଡିଓ କ୍ଲିପ୍‌ରୁ ବିହାର ନିର୍ବାଚନ ପୂର୍ବରୁ ଏହି ଗ୍ୟାଙ୍ଗ ରଚନା କରିଥିବା ପ୍ରମୁଖ ଷଡଯନ୍ତ୍ରର ସବିଶେଷ ତଥ୍ୟ ପ୍ରକାଶ ପାଇଛି । ଗତ କିଛି ମାସ ମଧ୍ୟରେ ଏହି ଗ୍ୟାଙ୍ଗ ଜଣେ ସାମ୍ବାଦିକଙ୍କ ହତ୍ୟା ସମେତ ଅନେକ ହତ୍ୟାକାଣ୍ଡ ଘଟାଇଥିଲା । ସିଗ୍ମା ଗ୍ୟାଙ୍ଗ ପ୍ରାୟ ସାତ ବର୍ଷ ଧରି ସକ୍ରିୟ ଥିଲା ଏବଂ ବିହାରରେ ପୁଲିସର କାର୍ଯ୍ୟାନୁଷ୍ଠାନକୁ ଏଡାଇବା ପାଇଁ ଦିଲ୍ଲୀରେ ଆଡ଼ା ଜମାଇଥିଲା । ଅପରେସନ୍ ପୂର୍ବରୁ ପୁଲିସ ଅନେକ ଦିନ ଧରି ସେମାନଙ୍କ ଗତିବିଧି ଉପରେ ନଜର ରଖିଥିଲା । ଏନକାଉଣ୍ଟର ପରେ ଏହି ଅଞ୍ଚଳକୁ ଘେରାବନ୍ଦୀ କରାଯାଇଥିଲା ଏବଂ ପ୍ରମାଣ ସଂଗ୍ରହ କରିବାକୁ ଫୋରେନସିକ୍ ଦଳକୁ ଡକାଯାଇଥିଲା । ଗ୍ୟାଙ୍ଗର ଅବଶିଷ୍ଟ ନେଟୱାର୍କ ଓ ସେମାନଙ୍କର ସମ୍ଭାବ୍ୟ ଲିଙ୍କ୍ ଖୋଜିବା ପାଇଁ ଅନୁସନ୍ଧାନ ଚାଲିଛି ।

ଦୀପାବଳିରେ ଅଘଟଣ: 'କାର୍ବାଇଡ୍ ଗନ୍'ରେ ଖେଳି ଦୃଷ୍ଟିଶକ୍ତି ହରାଇଲେ ୧୪ ପିଲା

ଭୋପାଳ: ପ୍ରତ୍ୟେକ ଦୀପାବଳିରେ ନୂଆ ନୂଆ ବାଣ ବଜାରରେ ବିକ୍ରି ହୋଇଥାଏ । କିନ୍ତୁ ଚଳିତ ବର୍ଷର 'କାର୍ବାଇଡ୍ ଗନ୍' ବା 'ଦେଶୀ ଫାୟାରକ୍ରାକର ଗନ୍' ପିତାମାତା ଓ ଡାକ୍ତରମାନଙ୍କ ପାଇଁ ଏକ ଦୁଃସ୍ୱପ୍ନ ପାଲଟିଛି । ଏହାକୁ ବ୍ୟବହାର କରି ମାତ୍ର ତିନି ଦିନ ମଧ୍ୟରେ ମଧ୍ୟପ୍ରଦେଶରେ ୧୨୨ରୁ ଅଧିକ ଶିଶୁ ଗୁରୁତର ଆଘାତ ପାଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ବେଳେ ୧୪ ଜଣ ଦୃଷ୍ଟିଶକ୍ତି ହରାଇଛନ୍ତି । ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ଜିଲ୍ଲା ହେଉଛି ବିଦିଶା, ଯେଉଁଠାରେ ଅକ୍ଟୋବର ୧୮ରେ ସରକାରୀ ନିଷେଧାଦେଶ ସତ୍ତ୍ୱେ ସ୍ଥାନୀୟ ବଜାରରେ ଏହି 'କାର୍ବାଇଡ୍ ଗନ୍' ଖୋଲାଖୋଲି ଭାବରେ ବିକ୍ରି କରାଯାଇଥିଲା । ୧୫୦ରୁ ୨୦୦ ଟଙ୍କା ମଧ୍ୟରେ ମିଳୁଥିବା ଏହି ଖେଳନା ବନ୍ଧୁକ ବୋମା ପରି ବିସ୍ଫୋରଣ ହେଉଛି । ବର୍ତ୍ତମାନ ହମିଦିଆ ହସ୍ପିଟାଲରେ ସୁସ୍ଥ ହେଉଥିବା ସତର ବର୍ଷୀୟା ନେହା କାନ୍ଦି କାନ୍ଦି କହିଛି, ଆମେ ଏକ କାର୍ବାଇଡ୍ ବନ୍ଧୁକ କିଣିଥିଲୁ । ଏହା ଯେତେବେଳେ ବିସ୍ଫୋରିତ ହେଲା ମୋର ଗୋଟିଏ ଆଖି ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲା । ମୁଁ ଏବେ କିଛି ଦେଖିପାରୁ ନାହିଁ । ଅନ୍ୟ ଜଣେ ପୀଡିତ ରାଜ ବିଶ୍ୱକର୍ମା ସ୍ୱୀକାର କରିଛନ୍ତି, ମୁଁ ସୋସିଆଲ ମିଡିଆରେ ଭିଡିଓ ଦେଖି ଘରେ ବାଣ ବନ୍ଧୁକ ତିଆରି କରିବାକୁ ଚେଷ୍ଟା କରିଥିଲି । ଏହା ମୋ ମୁହଁରେ ବିସ୍ଫୋରିତ ହୋଇଥିଲା ଓ ମୁଁ ମୋର ଆଖି ହରାଇଲି । ଏହା ପରେ ବିଦିଶା ପୁଲିସ ବେଆଇନ ଭାବେ ଉପକରଣ ବିକ୍ରୟ କରିଥିବା ଅଭିଯୋଗରେ ଛଅ ଜଣଙ୍କୁ ଗିରଫ କରିଛି । ଇନ୍‌ସପେକ୍ଟର ଆ?କେ ମିଶ୍ର କହିଛନ୍ତି, ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏହି କାର୍ବାଇଡ୍ ବନ୍ଧୁକ ବିକ୍ରୟ କିମ୍ବା ପ୍ରଚାର ପାଇଁ ଦାୟୀ ବ୍ୟକ୍ତିମାନେ ଆଇନଗତ ପରିଣାମର ସମ୍ମୁଖୀନ ହେବେ । ଭୋପାଳ, ଇନ୍ଦୋର, ଜବଲପୁର ଓ ଗ୍ୱାଲିଅରର ଡାକ୍ତରଖାନାଗୁଡ଼ିକରେ ଏହି ବନ୍ଧୁକ ଦ୍ୱାରା ଆହତ ହୋଇଥିବା ପିଲାଙ୍କ ଦ୍ୱାରା ଚକ୍ଷୁ ୱାର୍ଡ ଭର୍ତ୍ତି ହୋଇଯାଇଛି । କେବଳ ଭୋପାଳର ହମିଦିଆ ହସ୍ପିଟାଲରେ ୭୨ ଘଣ୍ଟା ମଧ୍ୟରେ ୨୬ ଜଣ ଶିଶୁ ଭର୍ତ୍ତି ହୋଇଥିଲେ । ଡାକ୍ତରମାନେ କହିଛନ୍ତି: ଏହା ଏକ ଖେଳନା ନୁହେଁ, ବରଂ ଏକ ଇମ୍ପ୍ରୋଭାଇଜଡ୍ ବିସ୍ଫୋରକ । ହମିଦିଆ ହସ୍ପିଟାଲର ସିଏମ୍‌ଏଚ୍ ଓ ଡାକ୍ତର ମନିଷ ଶର୍ମା କହିଛନ୍ତି, ଏହି ଉପକରଣ ସିଧାସଳଖ ଆଖିକୁ କ୍ଷତି ପହଞ୍ଚାଇଥାଏ । ଏହି ବିସ୍ଫୋରଣ ଧାତୁ ଖଣ୍ଡ ଓ କାର୍ବାଇଡ୍ ବାଷ୍ପ ମୁକ୍ତ କରେ ଯାହା ରେଟିନାକୁ ଜାଳିଦିଏ । ଆମେ ଅନେକ ମାମଲାର ଚିକିତ୍ସା କରୁଛୁ ଯେଉଁଠାରେ ପିଲାମାନଙ୍କର ଆଖି ପିତୁଳା ନଷ୍ଟ ହୋଇଯାଇଛି, ଯାହା ସ୍ଥାୟୀ ଅନ୍ଧତ୍ୱର କାରଣ ହୋଇଥାଏ । କିଛି ରୋଗୀ ଆଇସିୟୁରେ ଚିକିତ୍ସିତ ହେଉଛନ୍ତି, ଏବଂ ଅନେକେ କେବେ ବି ପୂର୍ଣ୍ଣ ଦୃଷ୍ଟିଶକ୍ତି ଫେରିପାଇବେ ନାହିଁ । ପୁଲିସ କହିଛି, ବନ୍ଧୁକଗୁଡିକ ସ୍ଥାନୀୟ ମେଳା ଓ ରାସ୍ତା କଡ଼ ଷ୍ଟଲ୍‌ରେ 'ମିନି ତୋପ' ଭାବରେ ବିକ୍ରି କରାଯାଉଛି, ଯେଉଁଥିରେ କୌଣସି ସୁରକ୍ଷା ନିୟମ ନାହିଁ । ଏହି ବିପଜ୍ଜନକ ଧାରା ପଛରେ ଅଛି ଇନଷ୍ଟାଗ୍ରାମ୍ ରିଲ୍ ଓ ୟୁଟ୍ୟୁବ୍ ସର୍ଟସ୍ ।

ମୁମ୍ବାଇ ଯୋଗେଶ୍ୱରୀ ବିଜନେସ ସେଣ୍ଟରରେ ଭୟଙ୍କର ଅଗ୍ନିକାଣ୍ଡ

ମୁମ୍ବାଇ : ମୁମ୍ବାଇର ଯୋଗେଶ୍ୱରୀ ୱେଷ୍ଟ ଅଞ୍ଚଳରେ ଥିବା ବେହରାମବାଗ ନିକଟରେ ଏକ ବିଜନେସ ସେଣ୍ଟରରେ ଭୟଙ୍କର ଅଗ୍ନିକାଣ୍ଡ । ନିଆଁ ଲାଗିବା ପରେ ଲୋକମାନେ ଆତଙ୍କିତ ହୋଇଯାଇଥିଲେ । ଦମକଳ ଗାଡି ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରୁଛି । ଅନେକ ଲୋକ ବିଲ୍ଡିଂରେ ଫସିଥିବା ଅନୁମାନ କରାଯାଉଛି । ଖବର ମୁତାବକ, ସକାଳ ୧୦.୫୦ ମିନିଟରେ ବିଜନେସ ସେଣ୍ଟର ବିଲ୍ଡିଂରେ ନିଆଁ ଲାଗିଯାଇଥିଲା । ଏହାଭିତରେ ଅନେକ ଲୋକ ଫସିଥିବା ଅନୁମାନ କରାଯାଉଛି । ଅଗ୍ନିଶମ ଟିମ୍ ଘଟଣା ସ୍ଥଳରେ ନିଆଁକୁ ଆୟତ୍ତ କରୁଛି । ଘଟଣାରେ କେହି ହତାହତ ହୋଇନାହାନ୍ତି । ଘଟଣା ବିଷୟରେ ଜଣାପଡିବା ପରେ ୬ଟି ଅଗ୍ନିଶମ ଗାଡି ପହଞ୍ଚିଥିଲା । ଯୁଦ୍ଧକାଳୀନ ଭିର୍ତ୍ତରେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି । ଯେଉଁ ବିଲ୍ଡିଂରେ ନିଆଁ ଲାଗିଛି, ସେଠାରେ ଅନେକ କର୍ପୋରେଟ ଅଫିସ ରହିଛି । ନିଆଁ ଲାଗିବା କାରଣରୁ ଆଖପାଖ ଅଞ୍ଚଳ ଧୂଆଁ ଧୂଆଁ ହୋଇଯାଇଥିଲା ।

ଶୀତକାଳ ପାଇଁ ବନ୍ଦ ହେଲା କେଦାରନାଥ କପାଟ, ୬ ମାସ ପାଇଁ ଦର୍ଶନ ବନ୍ଦ

ଉତ୍ତରାଖଣ୍ଡ : କେଦାରନାଥ ମନ୍ଦିର କପାଟ ଶୀତକାଳ ପାଇଁ ବନ୍ଦ କରିଦିଆଯାଇଛି । ଆଜିଠାରୁ ୬ ମାସ ଯାଏଁ କପାଟ ବନ୍ଦ ରହିଛି । ଆଜି ସକାଳ ୮.୩୦ରୁ ବନ୍ଦ ରହିଛି କପାଟ । ବନ୍ଦ ହେବା ପୂର୍ବରୁ ଧାମରେ ପ୍ରବଳ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଥିଲା ।

ହଜାର ହଜାର ଶ୍ରଦ୍ଧାଳୁ ବାବାଙ୍କ ଦର୍ଶନ କରିଥିଲେ । କପାଟ ବନ୍ଦ ସମୟରେ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ଉପସ୍ଥିତ ରହିଥିଲେ । ସେହିପରି ଯମୁନୋତ୍ରୀ ଧାମ କପାଟ ଆଜି ଅପରାହ୍ନ ୧୨.୩୦ ମିନିଟରେ ଶୀତକାଳ ପାଇଁ ବନ୍ଦ ହେବ । ୬ ମାସ ପାଇଁ ବାବା କେଦାରଙ୍କ ପୂଜା ଶୀତକାଳୀନ ସ୍ଥଳ ଓଁକାରେଶ୍ୱର ମନ୍ଦିର ଉଖିମଠରେ ହେବ । କପାଟ ବନ୍ଦ ହୋଇ ପରେ ଭଗବାନ ଶିବ ଚଲ ଡୋଲି ଶୀତକାଳୀନ ସ୍ଥଳ ଓଁକାରେଶ୍ୱର ମନ୍ଦିର ଉଖିମଠକୁ ବାହାରିଛନ୍ତି । ଆଜି ପ୍ରଥମ ଦିନରେ ଡୋଲି ରାମପୁର ରାତିରେ ବିଶ୍ରାମ କରିବେ । ଏହାପରେ ୨୪ ଅକ୍ଟୋବରରେ ଗୁପ୍ତକାଶୀ ପହଞ୍ଚିବେ । ୩ୟ ଦିନରେ ୨୫ ଅକ୍ଟୋବରରେ ଡୋଲି ଓଁକାରେଶ୍ୱର ମନ୍ଦିରରେ ପହଞ୍ଚିବ । ଏଠାରେ ବାବାଙ୍କ ପୂଜା ୬ ମାସ ଯାଏଁ ହେବ । ସେଥିପାଇଁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଛି । ଚଳିତବର୍ଷ କେଦାରନାଥ ଯାତ୍ରା ପ୍ରାକୃତିକ ବିପର୍ଯ୍ୟୟ ପାଇଁ ବାରମ୍ବାର ବାଧାପ୍ରାପ୍ତ ହୋଇଛି । ଲଗାତାର ଖରାପ ପାଣିପାଗ ଯୋଗୁଁ ଏଭଳି ନିଷ୍ପତ୍ତି ନିଆଯାଇଥିଲା । ଚଳିତବର୍ଷ କେଦାରନାଥ ଦର୍ଶନ ପାଇଁ ୧୬.୫୬ ଲକ୍ଷ ଶ୍ରଦ୍ଧାଳୁ ଆସିଥିଲେ । ସେହିପରି ବଦ୍ରିନାଥରେ ୧୪.୫୩ ଲକ୍ଷରୁ ଅଧିକ ରହିଥିଲା ।

ଅସୀମ ମୁନିରଙ୍କୁ ପାକିସ୍ତାନୀ ତାଲିବାନର ଖୋଲା ଧମକ

ନୂଆଦିଲ୍ଲୀ: ତେହେରିକ୍-ଏ-ତାଲିବାନ ପାକିସ୍ତାନ (ଟିଟିପି) ପକ୍ଷରୁ ଜାରି ଅନେକ ଭିଡିଓରେ ପାକିସ୍ତାନର ସେନା ମୁଖ୍ୟ ଫିଲ୍ଡ ମାର୍ଶାଲ ଅସୀମ ମୁନୀରଙ୍କୁ ଚ୍ୟାଲେଞ୍ଜ କରାଯାଇଛି । ଏହି ଭିଡିଓରେ ଜଣେ ବରିଷ୍ଠ ଟିଟିପି କମାଣ୍ଡରମାନେ ମୁନିରଙ୍କୁ ଧମକ ଦେଇଛନ୍ତି । ସେମାନେ ଦାବି କରିଛନ୍ତି ଯେ, ପାକିସ୍ତାନୀ ସେନା ସହିଦ ହେବା ପାଇଁ ସାଧାରଣ ସୈନିକଙ୍କୁ ପଠାଇବା ପରିବର୍ତ୍ତେ ଶୀର୍ଷ ଅଧିକାରୀମାନେ ଯୁଦ୍ଧ ମେ?ଦାନକୁ ଓହ୍ଲାଇବା ଉଚିତ । ଏହି ଭିଡିଓଗୁଡ଼ିକରେ ଖାଇବର ପଖତୁନଖ୍ୱାର କୁରମରେ ଅକ୍ଟୋବର ୮ରେ ହୋଇଥିବା ଆକ୍ରମଣର ଯୁଦ୍ଧକ୍ଷେତ୍ର ଫୁଟେଜ୍ ଅନ୍ତର୍ଭୁକ୍ତ, ଯେଉଁଥିରେ ଟିଟିପି ଦାବି କରିଛି ଯେ ୨୨ ଜଣ ପାକିସ୍ତାନୀ ସୈନିକ ନିହତ ହୋଇଛନ୍ତି ଏବଂ ସେମାନଙ୍କଠାରୁ ଅନେକ ଅସ୍ତ୍ରଶସ୍ତ୍ର, ଗୋଳାବାରୁଦ ଓ ଯାନବାହନ ଜବତ କରାଯାଇଛ । ପାକିସ୍ତାନର ସରକାରୀ ରିପୋର୍ଟରେ ଏପର୍ଯ୍ୟନ୍ତ କମ୍ ମୃତାହତ ଦର୍ଶାଯାଇଛି ଏବଂ ସେନା ଏହି ଆକ୍ରମଣରେ ୧୧ ଜଣ ସୈନିକ ନିହତ ହୋଇଥିବା ସ୍ୱୀକାର କରିଛି । ଗୋଟିଏ କ୍ଲିପ୍‌ରେ, ପାକିସ୍ତାନୀ ଅଧିକାରୀଙ୍କ ଦ୍ୱାରା କମାଣ୍ଡର କାଜିମ୍ ଭାବରେ ଚିହ୍ନିତ ଜଣେ ବରିଷ୍ଠ ଟିଟିପି ନେତା ଅସୀମ ମୁନିରଙ୍କୁ କହୁଛନ୍ତି, ଯଦି ତୁମେ ଜଣେ ପୁରୁଷ ତେବେ ଆମକୁ ସାମ୍ନା କର । ଯଦି ତୁମେ ମା' କ୍ଷୀର ପିଇଛ ତେବେ ଆମ ସହିତ ଲଢ଼େଇ କର ନିଜ ସାହସର ପ୍ରମାଣ ଦଅ । ଅକ୍ଟୋବର ୨୧ରେ ପାକିସ୍ତାନୀ କର୍ତ୍ତୃପକ୍ଷ କାଜିମଙ୍କୁ ଧରିବା ଲାଗି ସୂଚନା ଦେବା ପାଇଁ ୧୦ କୋଟି ପାକିସ୍ତାନୀ ଟଙ୍କା (ପିକେଆର୍) ପୁରସ୍କାର ଘୋଷଣା କରିଥିଲେ । କିଛି ଦିନ ଧରି ସୀମାପାର ଗୁଳିଗୋଳାମାଡ଼, ଏୟାର୍ ଷ୍ଟ୍ରାଇକ୍ ଏବଂ ଉଭୟ ପକ୍ଷର ବହୁ ସାଧାରଣ ନାଗରିକ ମୃତାହତ ହେବା ପରେ, କତର ଓ ତୁର୍କୀର ମଧ୍ୟସ୍ଥତାରେ ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ଅକ୍ଟୋବର ମଧ୍ୟଭାଗରେ ଅସ୍ତ୍ରବିରତି ହୋଇଥିଲା । ତେବେ ଇସଲାମାବାଦ କହିଛି ଯେ, ଯଦି ଆଫଗାନିସ୍ତାନ ନିଜ ମାଟିରୁ କାର୍ଯ୍ୟ କରୁଥିବା ସଶସ୍ତ୍ର ଗୋଷ୍ଠୀ ଉପରେ କଟକଣା ଲଗାଇବ ତେବେ ହିଁ ଯୁଦ୍ଧବିରତି ଜାରି ରହିବ ।

ବସ୍-ବାଇକ୍ ଧକ୍କା ପରେ ଭୟାଭୟ ଅଗ୍ନିକାଣ୍ଡ, ୧୧ ଜୀବନ୍ତ ଦଗ୍ଧ

ନୂଆଦିଲ୍ଲୀ : ଆନ୍ଧ୍ରପ୍ରଦେଶର କୁର୍ଣ୍ଣୁଲ ଜିଲାସ୍ଥିତ ଚିନ୍ନାଟେକୁର ନିକଟରେ ଶୁକ୍ରବାର ଭୋର ସମୟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଏହି ଦୁର୍ଘଟଣାରେ ୧୧ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୧୨ ଜଣ ଆହତ ହୋଇଛନ୍ତି । ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ହାଇଦ୍ରାବାଦରୁ ବେଙ୍ଗାଲୁରୁ ଯାଉଥିବା ଏକ ଘରୋଇ ଟ୍ରାଭେଲ୍ସ ବସ୍ ଭୋର ପ୍ରାୟ ୩:୩୦ ସମୟରେ ଏକ ଦୁଇଚକିଆ ଯାନକୁ ଧକ୍କା ଦେବା ପରେ ଏଥିରେ ଭୟଙ୍କର ନିଆଁ ଲାଗିଯାଇଥିଲା । ଧକ୍କା ପରେ ତୁରନ୍ତ ନିଆଁ ବସର ଆଗ ପଟୁ ବ୍ୟାପିଯାଇ ସମ୍ପୂର୍ଣ୍ଣ ଗାଡ଼ିକୁ କବଳିତ କରିଥିଲା । ଦୁର୍ଘଟଣା ସମୟରେ ବସ୍‌ରେ ପ୍ରାୟ ୪୦ ଜଣ ଯାତ୍ରୀ ଥିଲେ । ସେମାନଙ୍କ ମଧ୍ୟରୁ ୧୨ ଜଣ ଯାତ୍ରୀ ଜରୁରୀକାଳୀନ ଦ୍ୱାର ଭାଙ୍ଗି ବାହାରକୁ ଆସିବାକୁ ସକ୍ଷମ ହୋଇଥିଲେ । ସାମାନ୍ୟ ଆହତ ହୋଇଥିବା ଏହି ୧୨ ଜଣଙ୍କୁ କୁର୍ଣ୍ଣୁଲ ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ଦୁର୍ଘଟଣା ସମୟରେ ସେହି ଅଞ୍ଚଳରେ ପ୍ରବଳ ବର୍ଷା ହେଉଥିଲା, ଯାହା ଦୁର୍ଘଟଣାର କାରଣ ହୋଇପାରେ ।

ଆସାମ: ରେଳଧାରଣାରେ ଆଇଇଡି ବିସ୍ଫୋରଣ

ଗୌହାଟୀ: ଆସାମର କୋକ୍ରାଝର ଜିଲ୍ଲାରେ ଗତରାତିରେ ରେଳ ଧାରଣା ଉପରେ ପ୍ରଚଣ୍ଡ ବିସ୍ଫୋରଣ ହୋଇଛି । ଏହା ଆଇଇଡି ବିସ୍ଫୋରଣ ବୋଲି ତଦନ୍ତରୁ ଜଣାପଡ଼ିଛି । ଏଥିରେ ରେଳ ଧାରଣାର ଏକ ଅଂଶ ଉଡ଼ିଯାଇଛି । ଏଥିପାଇଁ ଆସାମ ଏବଂ ପଶ୍ଚିମବଙ୍ଗର କିଛି ଅଂଚଳ ସେବା ପ୍ରଭାବିତ ହୋଇଛି । ଜଣେ ଏନ୍‌ଏଫ୍‌ଆର(ଉତ୍ତର-ପୂର୍ବ ଫ୍ରଣ୍ଟିୟର) ଅଧିକାରୀ କହିଛନ୍ତି, ରାତି ପ୍ରାୟ ଗୋଟାଏ ସମୟରେ ଏହି ଘଟଣା ଘଟିଛି । ଏକ ମାଲବାହୀ ଟ୍ରେନ୍ ଏହି ଟ୍ରାକ୍‌ରେ ଯାଉଥିବା ବେଳେ ହଠାତ୍ ଭୟଙ୍କର ଝଟ୍‌କା ଅନୁଭୂତ ହୋଇଥିଲା । ଏହାପରେ ଜରୁରୀ ବ୍ରେକ୍ ଲଗାଯାଇଥିଲା । ଯାଞ୍ଚ ପରେ ରେଳବାଇ କର୍ତ୍ତୃପକ୍ଷ କହିଛନ୍ତି ଯେ ବିସ୍ଫୋରଣରେ ରେଳ ଧାରଣାକୁ ଉଠାଇ ଦିଆଯାଇଛି । ଆଇଇଡି ବିସ୍ଫୋରଣ ଯୋଗୁ ଏହା ହୋଇଥିବା ସନ୍ଦେହ କରାଯାଉଛି । ରେଳବାଇ ପୁଲିସ ବାହିନୀ, ଆସାମ ପୁଲିସ ଏବଂ ଗୁଇନ୍ଦା ସଂସ୍ଥା ସମେତ ସୁରକ୍ଷାବାହିନୀ ଘଟଣା ସ୍ଥଳରେ ପହଞ୍ଚିଛନ୍ତି ଏବଂ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି । ଉକ୍ତ ଘଟଣାରେ କେହି ମୃତାହତ ହୋଇନାହାନ୍ତି । କିନ୍ତୁ ବିସ୍ଫୋରଣ ଯୋଗୁ ପ୍ରାୟ ୮ଟି ଟ୍ରେନ୍ ଅଟକି ରହିଥିଲା । ସକାଳ ୫.୨୫ ସମୟରେ ପୁଣିଥରେ ସ୍ୱାଭାବିକ ଟ୍ରେନ ସେବା ଆରମ୍ଭ ହୋଇଥିଲା ବୋଲି ଏନ୍‌ଏଫ୍‌ଆର ଅଧିକାରୀମାନେ କହିଛନ୍ତି ।

ମୁକେଶ ସାହାଣୀ ଉପମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହେବା ପଛର ରହସ୍ୟ, ପାଟନା ହୋଟେଲରେ ହାଇଡ୍ରାମା

ପାଟନା: ବିକାଶଶୀଳ ଇନ୍‌ସାନ୍ ପାର୍ଟି ମୁଖ୍ୟ ମୁକେଶ ସାହାଣୀଙ୍କୁ ଆଜି ମହାମେଣ୍ଟ ପକ୍ଷରୁ ଉପମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରାଯିବା ପୂର୍ବରୁ ନାଟକୀୟ ଦୃଶ୍ୟ ଦେଖିବାକୁ ମିଳିଥିଲା । ସାମ୍ବାଦିକ ସମ୍ମିଳନୀ ଆରମ୍ଭ ହେବାର କିଛି ଘଣ୍ଟା ପୂର୍ବରୁ ଏହି ଡ୍ରାମା ଆରମ୍ଭ ହୋଇଥିଲା । ସୂତ୍ର ଅନୁଯାୟୀ ସାହାଣୀ ପାଟନାର ହୋଟେଲ ମୌର୍ଯ୍ୟରେ ରହୁଥିଲେ । କଂଗ୍ରେସର ବରିଷ୍ଠ ନେତା ଅଶୋକ ଗେହଲଟଙ୍କ ସମେତ ଅନ୍ୟ ନେତାମାନେ ମଧ୍ୟ ସେଠାରେ ଥିଲେ । ମହାମେଣ୍ଟର ସାମ୍ବାଦିକ ସମ୍ମିଳନୀ ଆରମ୍ଭ ହେବା ପୂର୍ବରୁ ସମସ୍ତ ନେତାମାନେ ଗେହଲଟ ରହୁଥିବା ସୁଟ୍‌ରେ ରୁଣ୍ଡ ହୋଇଥିଲେ । ତେଜସ୍ୱୀ ମଧ୍ୟ ସେଠାରେ ପହଞ୍ଚିଥିଲେ । କିନ୍ତୁ ମୁକେଶ ସେଠାକୁ ଯାଇନଥିଲେ । ତାଙ୍କ ବାର୍ତ୍ତା ସ୍ପଷ୍ଟ ଥିଲା ଯେ ଯଦି ତେଜସ୍ୱୀ ମହାମେଣ୍ଟର ମୁଖ୍ୟମନ୍ତ୍ରୀ ଚେହେରା ହେବେ ତେବେ ତାଙ୍କୁ ଉପମୁଖ୍ୟମନ୍ତ୍ରୀ କରାଯାଉ । ସାହାଣୀ ଘୋଷଣା କରିଥିଲେ ଯେ ମୁଁ ୨୫ରୁ କମ୍ ଆସନରେ ରାଜି ହେଲି ଏବଂ ଦିଆଯାଇଥିବା ୧୫ ଆସନ ଗ୍ରହଣ କଲି । କାରଣ ମୁଁ ଭାବିଲି ଯେ ମୋତେ ଉପମୁଖ୍ୟମନ୍ତ୍ରୀ ପଦ ମିଳିବ । କିନ୍ତୁ ଯଦି ଏହା ନହୁଏ ତେବେ ମୁଁ ମୋ ସମର୍ଥକମାନଙ୍କୁ ସାମ୍ନା କିଭଳି କରିବି । ସାହାଣୀଙ୍କ ଏହି ଘୋଷଣା ପରେ ଆର୍‌ଜେଡି ମୁଖ୍ୟ ତେଜସ୍ୱୀ ଏଥିରେ ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରି କହିଥିଲେ, ଯଦି ବିରୋଧୀ ମହାମେଣ୍ଟ ନିର୍ବାଚନ ଜିତି ସରକାର ଗଠନ କରେ ତେବେ ପ୍ରତି ଦଳ ସରକାରର ଏକ ଅଂଶବିଶେଷ ରହିବେ । ଏହାପରେ ମୁକେଶ ବାର

ଭୁବନେଶ୍ୱର, ଶୁକ୍ରବାର, ୨୪ ଅକ୍ଟୋବର ୨୦୨୫
Bhubaneswar, Friday, 24 October 2025
ମଇଦାନ୍
ମହାଭାରତ
ଏଇ ମାଟିରେ ଯୋଡୁଛି ନୂଆ ସମ୍ମାନ

ଦ୍ୱିତୀୟ ଦିନିକିଆରେ ଭାରତ ପରାସ୍ତ : ଅଷ୍ଟ୍ରେଲିଆ ୨-୦ରେ ଅଗ୍ରଣୀ

ଆଡିଲେଡ୍, ୨୩।୧୦: ପରାଜୟରୁ ଆରମ୍ଭ ହୋଇଛି ଶୁବମନ ଗିଲଙ୍କ ଦିନିକିଆ କ୍ୟାପ୍‌ଟେନ୍ସିର ଆରମ୍ଭ। ଗୋଟିଏ ମ୍ୟାଚ୍ ପୂର୍ବ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ ହାରି ଯାଇଛି ଟିମ ଇଣ୍ଡିଆ। ଅଷ୍ଟ୍ରେଲି(ଇଙ୍କ୍ସ ଠପ୍ସ ଓଭୟ) ବିପକ୍ଷ ସିରିଜ ପୂର୍ବରୁ ରୋହିତ ଶର୍ମାଙ୍କୁ ହଟାଇ ବିସିସିଆଇ ଶୁବମନ ଗିଲଙ୍କୁ ଟେଷ୍ଟ ଭଳି ଦିନିକିଆ ଅଧିନାୟକ ଦାୟିତ୍ୱ ଦେଇଥିଲା। ତାଙ୍କ କ୍ୟାପ୍‌ଟେନ୍ସିରେ ଭାରତ କୌଣସି ଦିନିକିଆ ସିରିଜ ଖେଳୁଥିଲେ ହେଁ ଏଥିରେ ପରାସ୍ତ ହୋଇଛି।

ପର୍ଥ ଦିନିକିଆକୁ ୭ ୱିକେଟରେ ଜିତିଥିବା ଅଷ୍ଟ୍ରେଲିଆ ଦ୍ୱିତୀୟ ଦିନିକିଆରେ ମଧ୍ୟ ବିଜୟ ବାନା ଉଡାଇଛି। ଆଡିଲେଡ ଓଭାଲରେ ଖେଳା ଯାଉଥିବା ଦ୍ୱିତୀୟ ଦିନିକିଆକୁ ଘରୋଇ ଟିମ ୨ ୱିକେଟରେ ଜିତି ନେଇଛି। ରୋହିତ ଶର୍ମାଙ୍କ ୭୩ ଓ ଶ୍ରେୟସ ଆୟରଙ୍କ ୬୧ ରନ ବଳରେ ଭାରତ ୨୬୫ ରନର ଟାର୍ଗେଟ ଅଷ୍ଟ୍ରେଲିଆକୁ ଦେଇଥିଲା।

ଅଷ୍ଟ୍ରେଲିଆ ଏହି ଟାର୍ଗେଟକୁ ୨୨ ବଲ ପୂର୍ବରୁ ୮ ୱିକେଟ ହରାଇ ହାସଲ କରି ନେଇଛି। ଦଳ ପକ୍ଷରୁ ମାଥ୍ୟୁ ଶର୍ଟ ସର୍ବାଧିକ ୭୪ ରନ ଓ ଯୁବ ଖେଳାଳି କୁପର କନୋଲୀ ଅପରାଜିତ ୬୧ ରନର ଇନିଂସ ଖେଳ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି।

୨୬୫ ରନର ଟାର୍ଗେଟକୁ ପିଛା କରୁଥିବା ଅଷ୍ଟ୍ରେଲିଆ ୫୪ ରନରେ ଦୁଇଟି ୱିକେଟ ହରାଇଥିଲା। ଅଧିନାୟକ ମିଚେଲ ମାର୍ଶ(୧୧) ଓ ଟ୍ରାଭିସ ହେଡ୍(୨୮) ରନ କରି ପ୍ୟାଭିଲିୟନ ଫେରିଥିଲେ। ଏହାପରେ ମ୍ୟାଟ ରେନ ଶ' ଓ ଶର୍ଟ ସ୍ଥିତି ସମ୍ଭାଳି ଦଳୀୟ ସ୍କୋରକୁ ୧୦୯ରେ ପହଞ୍ଚାଇ ଦେଇଥିଲେ। ଏତିକି ବେଳେ ୩୦ ରନ କରିଥିବା ରେନ ଶ'ଙ୍କୁ ବୋଲ୍ଡ କରି ଅକ୍ଷର

ପଟେଲ ଭାରତର କମବ୍ୟା କରାଇଥିଲେ। ଆଲେକ୍ସ କେରୀ ମଧ୍ୟ ୯ ରନ କରି ୱାଶିଂଟନ ସୁନ୍ଦରଙ୍କ ବଳରେ ବୋଲ୍ଡ ହୋଇଥିଲେ। ଅଷ୍ଟ୍ରେଲିଆ ଲଗାତାର ୨ଟି ୱିକେଟ ହରାଇବାରୁ ଭାରତ ଆଟାକ ଆରମ୍ଭ କରିଥିଲା।

କିନ୍ତୁ ଶର୍ଟ ଏହି ସମୟରେ ସେସବୁକୁ କାଣ୍ଟକର କରିଥିଲେ। ସେ କନୋଲୀଙ୍କ ସହ ମିଶି ଦଳୀୟ ସ୍କୋରକୁ ଆଗକୁ ନେଇଥିଲେ। ତେବେ ଶର୍ଟ ପ୍ରଥମେ ୨୫ ରନ ଓ ପରେ ୫୫ ରନରେ ଦୁଇଟି କ୍ୟାଚ୍ ଦେଇଥିଲେ ହେଁ ଏହାକୁ ଭାରତୀୟ ଖେଳାଳି ହାତ ଛଡା କରିବା ଦଳକୁ ମହଙ୍ଗା ପଡିଥିଲା। ପ୍ରଥମେ ଅକ୍ଷର ଓ ପରେ ମହମ୍ମଦ ସିରାଜ ତାଙ୍କ କ୍ୟାଚ୍ ଛାଡିଥିଲେ। ଶେଷରେ ସେ ୭୪ ରନର ଦମଦାର ଇନିଂସ ଖେଳି ହର୍ଷିତ ରାଣାରଙ୍କ ବଳରେ ଆଉଟ ହୋଇଥିଲେ। ସଆ ଆଉଟ ହେବା ବେଳକୁ ଅଷ୍ଟ୍ରେଲିଆ ୧୮୭ ରନ କରିଥିଲା। ଏହି ସମୟରେ ବି ଭାରତ ପାଖରେ ମ୍ୟାଚ୍ ଜିତିବାର ସୁଯୋଗ ରହିଥିଲା। କିନ୍ତୁ ମିଚେଲ ଓୱେନ ବଡବଡ ଶଟ ଖେଳିଥିଲେ। କନୋଲୀ ବି ଚୌକା ପରେ ଚୌକା ମାରି ନିଜର ଅର୍ଦ୍ଧଶତକ ହାସଲ କରିଥିଲେ। ଦଳକୁ ଜିତିବା ପାଇଁ ୨୧ ରନ ଦରକାର ଥିବା ବେଳେ ବଡ ଶଟ ଖେଳିବାକୁ ଯାଇ ଓୱେନ ୩୬ ରନରେ ଆଉଟ ହୋଇଥିଲେ। ସେ ୨୩ ବଲରେ ୩ ଛକା ଓ ୨ଟି ଚୌକା ବଳରେ ୩୬ ରନର ଇନିଂସ ଖେଳିଛନ୍ତି।

ଓୱେନଙ୍କ ପରେ ଜାଭିୟର ବାର୍ଟଲେଟ ୩ ରନ କରି ପ୍ୟାଭିଲିୟନ ଫେରିଥିଲେ। ତାଙ୍କ ୱିକେଟ ଅର୍ଶଦୀପ ନେଇଥିଲେ। ସେ ଆଉଟ ହେବା ବେଳକୁ ଅଷ୍ଟ୍ରେଲିଆକୁ ଜିତିବା ପାଇଁ ୧୦ ରନ ଆବଶ୍ୟକ ଥିଲା। ମିଚେଲ ଷ୍ଟାର୍କ ବ୍ୟାଟିଂ କରିବାକୁ ଆସି ସିରାଜଙ୍କୁ ଚୌକା ମାରି ବିଜୟ ବ୍ୟବଧାନକୁ ଆହୁରି କମାଇ ଦେଇଥିଲେ। କିନ୍ତୁ ସେହି ଓଭରରେ ସିରାଜ ତାଙ୍କୁ ପ୍ୟାଭିଲିୟନ ପଠାଇ ଦେଇଥିଲେ। ତେବେ ପରବର୍ତ୍ତୀ ଓଭରରେ ବାକି କାମ କନୋଲୀ ଶେଷ କରି ଦେଇଥିଲେ। ଶେଷରେ ଅର୍ଶଦୀପ ସିଂହଙ୍କ ୱାଇଡ ବଲ ପକାଇ ଅଷ୍ଟ୍ରେଲିଆକୁ ମ୍ୟାଚ୍ ସହ ସିରିଜ ଭେଟି ଦେଇଥିଲେ। କନୋଲୀ ଶେଷ ଯାଏ ଅପରାଜିତ ୬୧ ରନର ଇନିଂସ ଖେଳିଛନ୍ତି। ଏହି ଇନିଂସରେ ସେ ୫ଟି ଚୌକା ଓ ଗୋଟିଏ ଛକା ମାରିଛନ୍ତି। ଏହି ବିଜୟ ସହ ଅଷ୍ଟ୍ରେଲିଆ ୩ଟିକିଆ ଦିନିକିଆ ସିରିଜକୁ ଆଗକୁଆ ୨-୦ରେ କବଜା କରିନେଇଛି। ଭାରତ ପକ୍ଷରୁ ଅର୍ଶଦୀପ, ହର୍ଷିତ ଓ ୱାଶିଂଟନ ଦୁଇଟି ଲେଖାଏ ୱିକେଟ ନେଇଥିବା ବେଳେ ଅକ୍ଷର ଓ ସିରାଜଙ୍କୁ ଗୋଟିଏ ଲେଖାଏ ସଫଳତା ମିଳିଛି। ଆଡିଲେଡରେ ଟସ୍ ହାରିବା ପରେ ପ୍ରଥମେ ବ୍ୟାଟିଂ କରିଥିଲା ଟିମ୍ ଇଣ୍ଡିଆ। ରୋହିତ ଶର୍ମାଙ୍କ ସହିତ କ୍ୟାପ୍‌ଟେନ୍ ଶୁବମନ ଗିଲ୍ ବ୍ୟାଟିଂ ପାଇଁ ପଡ଼ିଆକୁ ଓହ୍ଲାଇ ଥିଲେ। ମାତ୍ର ଅଷ୍ଟ୍ରେଲିଆର ଘାତକ ବୋଲିଂ ସାମ୍ନାରେ ବାରମ୍ବାର ବିଟ୍ ହୋଇଥିଲେ ଫଳରେ ୬ଟମ ଓଭର ପ୍ରଥମ ବଲରେ ଶୁବମନ ଗିଲ ଆଉଟ୍ ହୋଇଥିଲେ। ସେ ବାର୍ଟଲେଟ୍‌ଙ୍କ ଶିକାର ହୋଇ ମାତ୍ର ୯ ରନ କରିପ୍ୟାଭେଲିୟନ ଫେରିଛନ୍ତି ଏହା ପରେ ବିରାଟ୍‌କୋହଲି ରୋହିତଙ୍କ ସାଥିଦେବାକୁ ପଡ଼ିଆକୁ ଓହ୍ଲାଇ ଥିଲେ ସେ ମଧ୍ୟ ବାର୍ଟଲେଟ୍‌ଙ୍କ ସୁଇଙ୍ଗର ଶିକାର ହୋଇଥିଲେ ସେହି ଓଭରର ପଞ୍ଚମ ବଲ୍‌ରେ କ୍ୟାଚ୍‌ଆଉଟ୍ ହୋଇ ଫେରିଥିଲେ। ଏହାପରେ ହ୍ୟାମ୍ପାନ୍‌ସହ ଭାଗିଦାରୀ କରିବାକୁ ପଡ଼ିଆକୁ ଆସିଥିଲେ ଉପ-ଅଧିନାୟକ ଶ୍ରେୟସ ଆୟର ଅ ଡ଼ିଲେଡ ପିଚକୁ ବୁଝିବାକୁ ପ୍ରୟାସରୁ ଛନ୍ଦି ହୋଇଥିଲେ ମଧ୍ୟରେ ରୋହିତଙ୍କ ସହ ମିଶି ଶତକୀୟ ପାର୍ଟନରସିପ୍ ଖେଳିଥିଲେ ପ୍ରାୟ ୬ମାସ ପରେ ଓଭୟଙ୍କ ବ୍ୟାଟରୁ ଅର୍ଦ୍ଧଶତକୀୟ ଇନିଂସ ବାହାରିଥିଲା । ଚଳିଅନ୍ୱ ଟ୍ରଫି ପରେ ଅଷ୍ଟ୍ରେଲିଆରେ ଆଜି ପ୍ରଥମ ଅର୍ଦ୍ଧଶତକ ମାରିଥିଲେ। ରୋହିତ ଶର୍ମା ସେ ୯୭ଟି ବଲ୍ ଖେଳି ୭୪ ରନ ସଂଗ୍ରହ କରିଥିଲେ। ଏଥିରେ ଦୁଇଟି ଛକା ଏବଂ ୭ଟି ଚୌକା ରହିଛି। ସେହିପରି ଶ୍ରେୟସ ଆୟର ୭ଟି ଚୌକା ସାହାଯ୍ୟରେ ୬୧ ରନର ଇନିଂସ ଖେଳିଥିଲେ। ଏହା ପରେ ଅଲରାଉଣ୍ଡର ଅକ୍ଷର ପଟେଲ୍ କିଛି ସମୟ ପାଇଁ ମ୍ୟାଚକୁ ସମ୍ଭାଳି ନେଇଥିଲେ। ସେ ୪୪ ରନର ଏକ ମଜବୁତ ଇନିଂସ ଖେଳିଛନ୍ତି। ମାତ୍ର ଅକ୍ଷରଙ୍କ ପରେ କୌଣସି ବ୍ୟାଟର କଙ୍ଗାରୁ ବୋଲରଙ୍କୁ ସାମ୍ନା କରିପାରିନଥିଲେ। ରାହୁଲ ୧୧ ରନ୍ ଏବଂ ସୁନ୍ଦର ୧୨ରନ୍ କରି ଆଉଟ୍ ହୋଇଥିଲେ ହେଲେ ହର୍ଷିତ ରାଣା ଫାଇନାଲ ଟର୍ ଦେଇ ଟିମ୍ ଇଣ୍ଡିଆର ସ୍କୋରକୁ ୨୬୫ ରନରେ ପହଞ୍ଚାଇ ଦେଇଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଆଡାମ ଜାମ୍ପା ୪ ୱିକେଟ୍, ଜାଭିୟର ବାର୍ଟଲେଟ୍ ୩ ଏବଂ ମିଚେଲ ଷ୍ଟାର୍କ ଦୁଇଟି ୱିକେଟ୍ ନେଇଥିଲେ ଅଷ୍ଟ୍ରେଲିଆକୁ ଏହି ମ୍ୟାଚ୍ ଖେଳିବାକୁ ହେଲେ ୨୬୫ ରନ କରିବାକୁ ପଡ଼ିବ।

ଭାଲିଆବାଡି କପ୍ କ୍ରିକେଟ ଆରମ୍ଭ, ଅଠାରଙ୍ଗ ବିଜୟୀ

ଖୋର୍ଦ୍ଧା:- ଭାଲିଆବାଡି ସ୍ପୋର୍ଟସ ଆସୋସିଏସନ୍ ପକ୍ଷରୁ ଆୟୋଜିତ ୪୮ ତମ ଭାଲିଆବାଡି କପ୍ କ୍ରିକେଟ ଟୁର୍ନାମେଣ୍ଟ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଉଦଘାଟିତ ହୋଇଯାଇଛି। ପୂର୍ବତନ ବିଧାୟକ ତଥା ଜଣେ ସଫଳ ପୂର୍ବତନ କ୍ରିକେଟର ରାଜେନ୍ଦ୍ର କୁମାର ସାହୁ ଓ ଖୋର୍ଦ୍ଧା ସମବାୟ ବ୍ୟାଙ୍କର ସଭାପତି ଅଭିଷେକ ସିଂସାମନ୍ତ ଆନୁଷ୍ଠାନିକ ଭାବେ ଟୂର୍ନାମେଣ୍ଟକୁ ଉଦଘାଟନ କରିଥିଲେ। ଉଦଘାଟନୀ ମ୍ୟାଚରେ କଲ୍ୟାଣପୁରକୁ ହରାଇ ଅଠାରଙ୍ଗ କ୍ଲବ ବିଜୟ ଘୋଷିତ ହେଇଥିଲା। ୧୦ ଓଭର ବିଶିଷ୍ଟ ମ୍ୟାଚରେ ପ୍ରଥମେ କଲ୍ୟାଣପୁର ଦଳ ଟସରେ ଜିତି ବ୍ୟାଟିଂ କରିବାକୁ ନିଷ୍ପ୍ରତି ନେଇଥିଲେ ଦଳ ଜଗତପ୍ରିୟଙ୍କ ୧୫ ରନ୍ ସହାୟତାରେ ୯ ୱିକେଟ୍ ହରାଇ ୭୦ରନ୍ କରିଥିଲା। ଅଠାରଙ୍ଗ ଦଳ ପକ୍ଷରୁ ମହେଶ୍ୱର ସେନାପତି ଓ ପ୍ରବୀଣ ମହାପାତ୍ର ୨ଟି ଲେଖାଏଁ ୱିକେଟ୍ ନେଇଥିଲେ ଜବାବରେ ଅଠାରଙ୍ଗ ଦଳ ୫.୧ ଓଭରରେ ୩ୱିକେଟ୍ ହରାଇ ୭୩ରନ କରି ବିଜୟୀ ହୋଇଥିଲେ। ଦଳ ପକ୍ଷରୁ ପ୍ରୀଣ ମହାପାତ୍ର ୧୯ଟି ବଲରୁ ୩୯ରନ ଓ ଅରୁନ୍ ଯାଦବ ୧୦ଟି ବଲରୁ ୨୫ରନ୍ କରିଥିଲେ କଲ୍ୟାଣପୁର ଦଳ ପକ୍ଷରୁ ସ୍ୱୟବ୍ରତ ମହାପାତ୍ର ୨ଟି ୱିକେଟ୍ ନେଇଥିଲେ ଅଲରାଉଣ୍ଡର ଇନିଂସ ପାଇଁ ଅଠାରଙ୍ଗ ଦଳର ପ୍ରବୀଣ ମହାପାତ୍ରଙ୍କୁ ଆଜିର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ଆଜିର ମ୍ୟାଚକୁ ଶୁଭମ ନାୟକ ଓ ଦେବାଶିଷ ମିଶ୍ର ପରିଚାଳନା କରିଥିଲେ। ଆସନ୍ତାକାଲିର ପ୍ରଥମ ମ୍ୟାଚ ପଳାଶପୁର ଓ କୁରାଡମଲ୍ଲ ଏବଂ ଦ୍ୱିତୀୟ ମ୍ୟାଚ କୁମାରବସ୍ତ ଓ ଅରିଶଲ ମଧ୍ୟରେ ଅନୁଷ୍ଠିତ ହେବ।

ଘରୋଇ ମାଟିରେ ହାରିଲା ପାକିସ୍ତାନ: ଡବ୍ଲ୍ୟୁଟିସି ପଏଣ୍ଟ ଟେବୁଲରେ ବଡ ଅଦଳବଦଳ

ଦୁବାଇ, ୨୩।୧୦: ଘରୋଇ ମାଟିରେ ଧୂଳି ଚାଟିଛି ପାକିସ୍ତାନ। ନିଜକୁ ସୁହାଇଲା ଭଳି ପିଚ୍ କରି ବି ହାରିଛି ପାକିସ୍ତାନ। ପ୍ରଥମେ ଟେଷ୍ଟରେ ଦକ୍ଷିଣ ଆଫ୍ରିକାକୁ ୯୩ ରନରେ ହରାଇ ଦେଇଥିବା ପାକିସ୍ତାନ ଏବେ ସମଦଶା ଭୋଗିଛି। ଦ୍ୱିତୀୟ ଟେଷ୍ଟରେ ଦକ୍ଷିଣ ଆଫ୍ରିକା ଦମ ଦେଖାଇ ପାକିସ୍ତାନକୁ ୮ ୱିକେଟରେ ହରାଇ ଦେଇଛି।

ଏଥିସହ ୨୦୦୭ ପରେ ପାକିସ୍ତାନରେ କୌଣସି ଟେଷ୍ଟ ମ୍ୟାଚ ଜିତିବାର ରେକର୍ଡ ମଧ୍ୟ ନିଜ ନାଁରେ କରିଛି। ଦ୍ୱିତୀୟ ମ୍ୟାଚ୍‌କୁ ଜିତି ଟେଷ୍ଟ ସିରିଜକୁ ୧-୧ରେ ସ୍ଥିତିରେ ଶେଷ କରିବାକୁ ସକ୍ଷମ ବି ହୋଇଛି ଦକ୍ଷିଣ ଆଫ୍ରିକା। ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜରୁ ପାକିସ୍ତାନ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ (୨୦୨୫-୨୭) ଅଭିଯାନ ଆରମ୍ଭ କରିଥିଲା। ପ୍ରଥମ ମ୍ୟାଚ୍‌ରେ ଦଳ ଜିତିଥିଲା। ଏବେ ଦ୍ୱିତୀୟ ଟେଷ୍ଟରେ ପାକିସ୍ତାନକୁ ହାରିବାକୁ ପଡିଛି। ରାୱଲପିଣ୍ଡିରେ ଖେଳା ଯାଇଥିବା ଦ୍ୱିତୀୟ ଟେଷ୍ଟର ପ୍ରଥମ ଇନିଂସରେ ପାକିସ୍ତାନ ଅଧିନାୟକ ଶାନ ମସୁଦଙ୍କ ୮୭, ସୌଦ ସକୀଲଙ୍କ ୬୬ ଓ ଶଫିକଙ୍କ ୫୭ ରନ ବଳରେ ସମସ୍ତ ୱିକେଟ ହରାଇ ୩୩।୩ ରନ କରିଥିଲା। ଦକ୍ଷିଣ ଆଫ୍ରିକା ପକ୍ଷରୁ କେଶବ ମହାରାଜ ସର୍ବାଧିକ ୭ ୱିକେଟ ନେଇଥିଲେ। ଏହାର ଜବାବରେ ଦକ୍ଷିଣ ଆଫ୍ରିକା ସେନୁରାନ ମୁଥୁସାମୀଙ୍କ ଲତୁଆ ୮୯, ଟ୍ରିସ୍ତାନ ଷ୍ଟବ୍ସଙ୍କ ୭୬ ଓ ଟୋନି ଡେ ଜୋରଜିଙ୍କ ୫୫ ରନ ବଳରେ ସମସ୍ତ ୱିକେଟ ହରାଇ ୪୦୪ ରନ କରି ନେଇଥିଲା। ଅର୍ଥାତ ଦକ୍ଷିଣ ଆଫ୍ରିକାକୁ ୭୧ ରନର ଲିଡ୍ ମିଳି ଯାଇଥିଲା। ପାକିସ୍ତାନ ପକ୍ଷରୁ ଆସିଫ ଆଫ୍ରିଦି ୬ ଟି ୱିକେଟ ନେଇଥିଲେ।

୭୧ ରନ ପଛରେ ଥିବା ପାକିସ୍ତାନ ଦ୍ୱିତୀୟ ଇନିଂସରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ବାବର ଆଜମ ୫୦ ରନ କରିଥିଲେ ହେଁ ଅନ୍ୟ କୌଣସି ବ୍ୟାଟର ତାଙ୍କ ସାଥ ଦେଇ ନଥିଲେ। ଶେଷରେ ପାକିସ୍ତାନ ମାତ୍ର ୧୩୮ ରନରେ ଅଲଆଉଟ ହୋଇ ଯାଇଥିଲା। ଦ୍ୱିତୀୟ ଇନିଂସରେ ହାରମର ୬ଟି, ମହାରାଜ ୨ଟି ଓ କାଗିସୋ ରବାଡା ଗୋଟିଏ ୱିକେଟ ପାଇଥିଲେ। ପାକିସ୍ତାନ ୧୩୮ ରନରେ ଅଲଆଉଟ ହୋଇଯିବାରୁ ଦକ୍ଷିଣ ଆଫ୍ରିକାକୁ ମ୍ୟାଚ୍ ଜିତିବା ପାଇଁ ୬୮ ରନର ଟାର୍ଗେଟ ମିଳିଥିଲା। ଏହାକୁ ଦକ୍ଷିଣ ଆଫ୍ରିକା ୨ଟି ୱିକେଟ ହରାଇ ହାସଲ କରି ନେଇଛି। ଓଭର ରେ ୭ ୱିକେଟ ହରାଇ ୧୫୧ ରନ୍ କରିଥିଲା। ଦଳ ପକ୍ଷରୁ ସର୍ବାଧିକ ସୂର୍ଯ୍ୟକାନ୍ତ ଗୁମାନସିଂ ୩୮ ରନ୍ ସଂଗ୍ରହ କରିଥିଲେ। ଜବାବ ରେ ପଳାସପୁର ଦଳ ୧୩ ଓଭର ରେ ୧୩୮ ରେ ୮ ୱିକେଟ ହରାଇ ଏବଂ ଦୁଇ ଜଣ ଖେଳାଳି ଆହତ ସମସ୍ୟା ଯୋଗୁଁ ବ୍ୟାଟିଂ କରି ପାରିନଥିଲେ। ଶ୍ରେଷ୍ଠ ଖେଳାଳି ଭାବେ ଅତିଥି ପ୍ରଫୁଲ୍ଲ କୁମାର ସାହୁ ଙ୍କ ଠାରୁ ପୁରସ୍କୃତ ହୋଇଥିଲେ।

ସେହିପରି ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍ ରେ ଗୁରୁଜଙ୍ଗ ଦଳ ପଳାସପୁର ଦଳ କୁ ଭେଟି ଥିଲା। ଟସ୍ ରେ ବିଜୟ ଲାଭ କରି ଗୁରୁଜଙ୍ଗ ଦଳ ପ୍ରଥେମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭର ରେ ୭ ୱିକେଟ ହରାଇ ୧୫୧ ରନ୍ କରିଥିଲା। ଦଳ ପକ୍ଷରୁ ସର୍ବାଧିକ ଶ୍ରୀକାନ୍ତ ପାତ୍ର ଶ୍ରେଷ୍ଠ ଖେଳାଳି ଭବାନୀ ପ୍ରାସାଦ ମହାନ୍ତି ଙ୍କୁ ପୁରସ୍କୃତ କରିଥିଲେଅବ୍ୟକ୍ତ ହରିହର ଖାଡ଼ଙ୍ଗା, ପ୍ରକାଶ ସାହୁ, ସାନୁଜ ବିଶ୍ୱାଳ, ତୁଷାର କାନ୍ତ ସୁନ୍ଦରାୟ, ପ୍ରଶାନ୍ତ ପଟ୍ଟଯୋଷୀ ମ୍ୟାଚ୍ କୁ ପରିଚାଳନା କରିଥିଲେ। ଶୁକ୍ରବାର ମିନି ଆଧାର ପ୍ରଥମ ମ୍ୟାଚ କୋଣାର୍କ ନଗର ବନାମ ଅରାଙ୍ଗ ଓ ଦ୍ୱିତୀୟ ମ୍ୟାଚ୍ ଗୁଡୁମା ବନାମ ପାଇକଡିଗିରିଆ। ମଧ୍ୟରେ ଅନୁଷ୍ଠିତ ହେବ। ତୃତୀୟ ମ୍ୟାଚ ପ୍ରଥମ ଓ ଦ୍ୱିତୀୟ ମ୍ୟାଚ ର ବିଜେତାଙ୍କ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କମିଟି ତରଫରୁ ଅନିଲ ବରାଳ ଓ ହିମାଂଶୁ ଦାଶ ଜଣାଇଛନ୍ତି।

ଟି-୨୦କୁ ଫେରିଲେ ବାବର, ବିଦା ହେଲେ ହାରିଶ

ଲାହୋର, ୨୩।୧୦: ଦୀର୍ଘ ସମୟ ଧରି ପାକିସ୍ତାନ ଟି-୨୦ ସ୍କ୍ୱାଡରୁ ବାହାରେ ରହିଥିବା ଅଭିଜ୍ଞ ଖେଳାଳି ବାବର ଆଜମଙ୍କ ଉପରେ ଭରସା ଦେଖାଇଛି ପିସିବି। ଦକ୍ଷିଣ ଆଫ୍ରିକା ବିପକ୍ଷ ୩ ଟିକିଆ ଘରୋଇ ଟି-୨୦ ସିରିଜ ପାଇଁ ତାଙ୍କୁ ସ୍କ୍ୱାଡରେ ସାମିଲ କରାଯାଇଛି। ପ୍ରାୟ ବର୍ଷେ ହେଲା ପାକିସ୍ତାନର ଟି-୨୦ ସେଟଅପରୁ ବାହାରେ ଥିଲେ ବାବର। ଏପରି କି ସେ ଏସିଆ କପରେ ମଧ୍ୟ ନଜର ଆସି ନଥିଲେ। କିନ୍ତୁ ଏବେ ପାକିସ୍ତାନ କ୍ରିକେଟ ବୋର୍ଡ ତାଙ୍କୁ ପୁଣି ଟି-୨୦ ସ୍କ୍ୱାଡରେ ସାମିଲ କରିଛି। ସେ ପ୍ରଥମେ ଦକ୍ଷିଣ ଆଫ୍ରିକା ପରେ ଶ୍ରୀଲଙ୍କା-ଜିମ୍ବାୱେ- ପାକିସ୍ତାନକୁ ନେଇ ଖେଳାଯିବାକୁ ଥିବା ଟି-୨୦ ସିରିଜରେ ମଧ୍ୟ ନଜର ଆସିବେ।ବାବର ୨୦୨୪ ଡିସେମ୍ବରରେ ଶେଷଥର ପାଇଁ ଦକ୍ଷିଣ ଆଫ୍ରିକା ବିପକ୍ଷ ଟି-୨୦ରେ ନଜର ଆସିଥିଲେ। କିନ୍ତୁ ଦୁର୍ବଳ ଖରାପ ଷ୍ଟ୍ରାଇକ ରେଟ ଯୋଗୁ ତାଙ୍କୁ ଟି-୨୦ ସ୍କ୍ୱାଡରୁ ବାଦ ଦିଆଯାଇଥିଲା।

ବାବରଙ୍କ କମବ୍ୟାକ ହୋଇଥିଲେ ହେଁ ୱିକେଟ କପିର ମହମ୍ମଦ ରିଜୱାନଙ୍କ ଉପରେ ଭରସା ଦେଖାଇନି ପିସିବି। ତାଙ୍କୁ ପ୍ରଥମେ ଦିନିକିଆ ଅଧିନାୟକ ପଦରୁ ପିସିବି ବିଦା କରିଥିଲା। ଏବେ ଟି-୨୦ ସ୍କ୍ୱାଡରେ ମଧ୍ୟ ତାଙ୍କୁ ସାମିଲ କରିନାହିଁ। ଏସିଆ କପ ସ୍କ୍ୱାଡରେ ଥିବା ଫଖର ଜମାଣ, ମହମ୍ମଦ ହାରିଶ ଓ ଦ୍ରୁତ ବୋଲର ହାରିଶ ରୌଫଙ୍କୁ ଏବେ ବାଦ ଦିଆଯାଇଛି। ପାକିସ୍ତାନ ଏସିଆ କପରେ ରନର୍ସ ଅପ ହୋଇଥିଲା। କିନ୍ତୁ ଭାରତକୁ ସାମ୍ନା କରିଥିବା ସମସ୍ତ ୩ଟି ଯାକ ମ୍ୟାଚ୍‌ରେ ହାରିଥିଲା।

ଟି-୨୦ ସେଟଅପରେ ନଶୀମ ଶାହ, ବ୍ୟାଟର ଅବଦୁଲ ସାମଦ ଓ ୱିକେଟ କିପର ଉସମାନ ଖାନଙ୍କୁ ସାମିଲ କରାଯାଇଛି। ଏସିଆ କପରେ ନୈରାଶ୍ୟଜନକ ପ୍ରଦର୍ଶନ ସତ୍ତ୍ୱେ ସଲମାନ ଅଲୀ ଆଗା ନିଜର କ୍ୟାପ୍‌ଟେନ୍ସି ପଦ ବଜାୟା ରଖିଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷ ୩ଟି ଟି-୨୦ ମ୍ୟାଚ୍ ପରେ ନଭେମ୍ବର ୪ରୁ ୮ ଯାଏ ସମାନ ସଂଖ୍ୟକ ଦିନିକିଆ ମ୍ୟାଚ୍ ଖେଳିବ। ଦିନିକିଆ ସିରିଜ ପାକିସ୍ତାନର ନୂଆ ଅଧିନାୟକ ଶାହୀନ ଶାହ ଆଫ୍ରିଦିଙ୍କ ନେତୃତ୍ୱରେ ଖେଳିବ। ଦଳରେ ପୂର୍ବତନ ଅଧିନାୟକ ମହମ୍ମଦ ରିଜୱାନ ମଧ୍ୟ ରହିଛନ୍ତି। ଟି-୨୦ ସ୍କ୍ୱାଡ: ସଲମାନ ଆଗା(ଅଧିନାୟକ) ଅବଦୁଲ ସାମଦ, ଅବ୍ରାର ଅହମଦ, ବାବର ଆଜମ, ଫହୀମ ଅଶର୍ଫ, ହାସନ ନୱାଜ, ମହମ୍ମଦ ନୱାଜ, ମହମ୍ମଦ ୱାସିମ, ସଲମାନ ମିର୍ଜା, ନଶୀମ ଶାହ, ସାହିବଜାଦା ଫରହାନ, ସୈମ ଆୟୁବ, ଶାହୀନ ଶାହ ଆଫ୍ରିଦି, ଉସମାନ ଖାନ ଓ ଉସମାନ ତାରିକ। ଦିନିକିଆ ସ୍କ୍ୱାଡ: ଶାହୀନ ଶାହ ଆଫ୍ରିଦି(ଅଧିନାୟକ), ଅବ୍ରାର ଅହମଦ, ବାବର ଆଜମ, ଫହୀମ ଅଶର୍ଫ, ଫୈଜଲ ଆକ୍ରମ, ଫଖର ଜମାନ, ହାରିଶ ରୌଫ, ହାସେବୁଲ୍ଲା ଖାନ, ହାସନ ନୱାଜ, ହୁସେନ ତଲାତ, ମହମ୍ମଦ ନୱାଜ, ମହମ୍ମଦ ରିଜୱାନ, ମହମ୍ମଦ ୱାସିମ, ନଶୀମ ଶାହ, ସୈମ ଆୟୁବ ଓ ସଲମାନ ଆଗା।

ସେମିରେ ମେଣ୍ଢାଶାଳ ଓ ଗୁରୁଜଙ୍ଗ ବିଜୟୀ

ଖୋର୍ଦ୍ଧା :୨୩/୧୦/୨୫:ଖୋର୍ଦ୍ଧା ପୌର ପରିଷଦ ଅନ୍ତର୍ଗତ ଗୁରୁଜଙ୍ଗ ଖେଳ ପଡିଆ। ଠାରେ ଗୁରୁଜଙ୍ଗ କ୍ରିକେଟ ଆସୋସିଏସନ୍ ଆନୁକୂଲ୍ୟରେ ଚଳିଥିବା ନୀଳକଣ୍ଠ ମେମୋରିଆଲ ଗୁରୁଜଙ୍ଗ କପ୍ ର ଷଷ୍ଠ ଦିବସ ରେ ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ମେଣ୍ଢାଶାଳ ବନାମ ପାତ୍ରପଡା ମଧ୍ୟରେ ଅନୁଷ୍ଠିତ ହେଇଥିଲା। ପ୍ରଥମେ ଟସ୍ ରେ ବିଜୟ ଲାଭ କରି ପାତ୍ରପଡା ଦଳ ବ୍ୟାଟିଂ କରିବାକୁ ନିଷ୍ପତି ନେଇ ୧୧୭ ରନ କରିଥିଲେ। ଦଳ ତରଫରୁ ଜାଭେଦ ଏ କ୍।ବଲ ୬୭ ରନ କର